ଓଡ଼ିଶା ସରକାର

# ବାର୍ଷିକ ବଜେଟ୍
# 2016 -17

# ଜନସାଧାରଣଙ୍କ ପାଇଁ ମାର୍ଗଦର୍ଶିକା

ମଇ, 2016

ଅର୍ଥ ବିଭାଗ

# ସୂଚୀପତ୍ର


| କ୍ରମିକ ସଂଖ୍ୟା | ବିଷୟ | ପୃଷ୍ଠାଙ୍କ |
|---|---|---|
| (1) | (2) | (3) |
| 1 | ବଜେଟ୍ ପ୍ରକ୍ରିୟାରେ ଜନସାଧାରଣଙ୍କ ସହଭାଗିତା | 1 |
| 2 | ଜନସାଧାରଣଙ୍କ ପାଇଁ ମାର୍ଗଦର୍ଶିକା | 2 |
| 3 | ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟା | 7 |
| 4 | ଆର୍ଥିକ ସମ୍ବଳର ସୂତ୍ର ଓ ବିନିଯୋଗ | 8 |
| 5 | ରାଜ୍ୟ ଅର୍ଥନୀତି ପ୍ରତି ଏକ ଦୃଷ୍ଟିପାତ | 10 |
| 6 | ବ୍ୟୟ ବରାଦ ପାଇଁ ଅର୍ଥ ବ୍ୟବସ୍ଥା | 12 |
| 7 | ବଜେଟ୍ ବ୍ୟୟ ବରାଦର ତର୍ଜମା | 13 |
| 8 | ରାଜସ୍ୱ ପ୍ରାପ୍ତିର ଅନୁଶୀଳନ | 15 |
| 9 | ନିଜସ୍ୱ ଟିକସ ରାଜସ୍ୱର ବିଶ୍ଳେଷଣ | 16 |
| 10 | ଅଣଟିକସ ରାଜସ୍ୱର ଅନୁଧ୍ୟାନ | 17 |
| 11 | ଆର୍ଥିକ ବର୍ଷ 2016-17 ରେ ବିଭାଗୱାରୀ ବ୍ୟୟ | 17 |
| 12 | 2016-17 ପାଇଁ FRBM ଲକ୍ଷ୍ୟ | 22 |
| 13 | ବଜେଟ୍ ବ୍ୟୟ ବରାଦ ଓ ବିତ୍ତୀୟ ସୂଚକାଙ୍କ | 22 |
| 14 | ବଜେଟ୍‌ର ମୁଖ୍ୟାଂଶ | 24 |

# ବଜେଟ୍ ପ୍ରକ୍ରିୟାରେ ଜନସାଧାରଣଙ୍କ ସହଭାଗିତା

ବଜେଟ୍ ପ୍ରକ୍ରିୟାରେ ଜନସାଧାରଣଙ୍କ ସହଭାଗିତା ଗୋଟିଏ ବଜେଟ ଆଲୋଚନା ପ୍ରକ୍ରିୟା ଅଟେ, ଯେଉଁଥିରେ ରାଜ୍ୟର ନାଗରିକମାନେ ରାଜ୍ୟ ବଜେଟ୍ ପ୍ରସ୍ତୁତି ପାଇଁ ସେମାନଙ୍କର ମତାମତ ଉପସ୍ଥାପନ କରିବା ପାଇଁ ସୁଯୋଗ ପାଇଥାନ୍ତି । ରାଜ୍ୟ ବଜେଟ୍‌ର ପ୍ରସ୍ତୁତିରେ ନାଗରିକମାନଙ୍କର ସହଭାଗିତା ସୁସ୍ଥ ଶାସନ ବ୍ୟବସ୍ଥା ପାଇଁ ଗୋଟିଏ ମୁଖ୍ୟ ସିଦ୍ଧାନ୍ତ । ବଜେଟ୍ ପ୍ରକ୍ରିୟାରେ ଜନସାଧାରଣଙ୍କର ଅଂଶଗ୍ରହଣ ପାଇଁ ଅର୍ଥ ବିଭାଗ ଏକ ଉତ୍ସର୍ଗୀକୃତ ୱେବପୋର୍ଟାଲ ଜରିଆରେ ନିର୍ଦ୍ଧାରିତ ଫର୍ମରେ, ଇ-ମେଲ୍ ଓ ଏସ୍.ଏମ୍.ଏସ ମାଧ୍ୟମରେ ମତାମତ ଆହ୍ୱାନ କରିଥିଲେ । ଏହି ତିନିଗୋଟି ଚାନେଲ 1 ଜାନୁୟାରୀ 2016 ଠାରୁ 15 ଜାନୁୟାରୀ 2016 ପନ୍ଦର ଦିନ ପାଇଁ ସକ୍ରିୟ ଥିଲା । ଏହି ପ୍ରକ୍ରିୟାରେ ଦୁଇ ସପ୍ତାହ ମଧ୍ୟରେ ଜନସାଧାରଣଙ୍କ ଠାରୁ ପ୍ରାପ୍ତ ଜବାବ ଉତ୍ସାହପ୍ରଦ ଥିଲା । ଓଡିଶାର ଜନସାଧାରଣ ସରକାରୀ ଅର୍ଥ ତଥା ସମ୍ବଳ ସଂଗ୍ରହ ବଜେଟ୍ ପ୍ରସ୍ତୁତି ପାଇଁ ସେମାନଙ୍କର ସୁଚିନ୍ତିତ ମତାମତ ଓ ପରାମର୍ଶ ଦେଇଛନ୍ତି । ଏତଦ୍ ବ୍ୟତୀତ ଅନେକ ଆଗ୍ରହୀ ଗୋଷ୍ଠୀ ଯଥା:- କୃଷକ, ନାଗରିକ ସମାଜ, ବ୍ୟବସାୟୀ ଓ ଶିଳ୍ପଦ୍ୟୋଗୀ ପ୍ରତିନିଧି, ବିଶେଷଜ୍ଞମାନେ ମାନ୍ୟବର ଅର୍ଥମନ୍ତ୍ରୀଙ୍କ ଦ୍ୱାରା ଆହୂତ ପ୍ରାକ୍ ବଜେଟ୍ ଆଲୋଚନାରେ ଭାଗ ନେଇଥିଲେ । ଆମ ରାଜ୍ୟର ଜନସାଧାରଣଙ୍କ ମୂଲ୍ୟବାନ ମତାମତ ଚଳିତ ବର୍ଷ ବଜେଟ୍ ପ୍ରସ୍ତୁତି ପାଇଁ ମୂଳଦୁଆ ପକାଇଛି ।

ସମ୍ବଳ ସଂଗ୍ରହ ପାଇଁ ଚାପ ଥିବା ସତ୍ତ୍ୱେ ଜନସାଧାରଣଙ୍କ ଜୀବନଶୈଳୀର ଉନ୍ନତ ଓ ଗରିବ ଲୋକମାନଙ୍କର କଲ୍ୟାଣ ନିମିତ୍ତ ସରକାରଙ୍କ ପ୍ରତିବଦ୍ଧତା 2016-17 ରାଜ୍ୟ ବଜେଟରେ ପ୍ରତିଫଳିତ ହୋଇଛି । 2016-17 ବଜେଟ୍ ସମାଜର ସବୁ ବର୍ଗର ଲୋକଙ୍କ ଆଶା ଓ ଆକାଂକ୍ଷାର ପ୍ରତିକ୍ରିୟା ଅଟେ ।

ମାନ୍ୟବର ଅର୍ଥମନ୍ତ୍ରୀ, ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତ, ମାର୍ଚ୍ଚ 18, 2016 ରେ 2016-17 ଆର୍ଥିକ ବର୍ଷ ପାଇଁ ଜନସାଧାରଣଙ୍କ ବଜେଟ୍ ଉପସ୍ଥାପନ କରିଛନ୍ତି ।

# <u>ଜନସାଧାରଣଙ୍କ ପାଇଁ ମାର୍ଗଦର୍ଶିକା</u>

## ବଜେଟରେ ବ୍ୟବହୃତ ପଦର ବିଶ୍ଳେଷଣ

### 1. ରାଜ୍ୟର ସାମଗ୍ରୀକ ଘରୋଇ ଉତ୍ପାଦ ( ଜି.ଏସ୍.ଡି.ପି)

ଆର୍ଥିକ ବର୍ଷ ମଧ୍ୟରେ ରାଜ୍ୟରେ ଉତ୍ପନ୍ନ ହୋଇଥିବା ମୋଟ ଉତ୍ପାଦନର ଆର୍ଥିକ ପରିମାପକୁ ଜି.ଏସ୍.ଡି.ପି କୁହାଯାଏ । ଏହା ରାଜ୍ୟର ଆୟର ପରିମାପକ ।

### 2. ବଜେଟ

ଭାରତୀୟ ସମ୍ବିଧାନର 202 (1) ଧାରାନୁଯାୟୀ ପ୍ରତ୍ୟେକ ଆର୍ଥିକ ବର୍ଷରେ ରାଜ୍ୟର ରାଜ୍ୟପାଳ ରାଜ୍ୟର ଅନୁମାନ ଆୟବ୍ୟୟର ବିବରଣୀ ବିଧାନସଭାରେ ଉପସ୍ଥାପିତ କରିବା ବିଧେୟ । ଉକ୍ତ ବାର୍ଷିକ ଆୟବ୍ୟୟ  ବିବରଣୀ ହିଁ ଆର୍ଥିକ ବର୍ଷ ପାଇଁ  " ବାର୍ଷିକ ଆର୍ଥିକ ବିବରଣୀ " ଭାବରେ ନାମିତ, ଯାହାକି ସାଧାରଣତଃ  " ବଜେଟ" ବୋଲି କୁହାଯାଏ ।

### 3. ବାର୍ଷିକ ଆର୍ଥିକ ବିବରଣୀ (Annual Financial Statement)

ବାର୍ଷିକ ଆର୍ଥିକ ବିବରଣୀ (Annual Financial Statement) ସଂଗଠିତ ପାଣ୍ଠି, ଆକସ୍ମିକ ପାଣ୍ଠି ଓ ସରକାରୀ ହିସାବରେ ଆୟ ଓ ବ୍ୟୟର ସଂକ୍ଷିପ୍ତ ସାରାଂଶ ଅଟେ । ଏଥିରେ ଆୟବ୍ୟୟର ବିବରଣୀ କେବଳ ମୁଖ୍ୟ ଶୀର୍ଷରେ ଦର୍ଶାଯାଇଥାଏ ।

### 4. ବଜେଟର ବ୍ୟାଖ୍ୟାତ୍ମକ ଜ୍ଞାପନ (Expalnatory Memorandum)

ବଜେଟର ବ୍ୟାଖ୍ୟାତ୍ମକ ଜ୍ଞାପନ (କେବଳ ମୁଖ୍ୟ ଶୀର୍ଷରେ ସଂଗଠିତ ପାଣ୍ଠି, ଆକସ୍ମିକ ପାଣ୍ଠି ଓ ସରକାରୀ ହିସାବର ବ୍ୟୟ) ଉକ୍ତଖଣ୍ଡର ଅନ୍ତର୍ଭୁକ୍ତ -

ପରିଶିଷ୍ଟ (I) - ପ୍ରତ୍ୟେକ ମୁଖ୍ୟ ଶୀର୍ଷ ସମ୍ବନ୍ଧୀୟ ବିଭିନ୍ନ ଦାବି (ଉଭୟ ଗ୍ରସ ଓ ଆଦାୟ) ବ୍ୟୟ ଶୀର୍ଷର ପ୍ରଦର୍ଶିକା ।

ପରିଶିଷ୍ଟ (II) - ମୁଖ୍ୟ ଶୀର୍ଷାନୁଯାୟୀ ବ୍ୟୟ (ଆଦାୟ ବାଦ୍ ନିଟ୍) ର ସାଧାରଣ ସଂକ୍ଷିପ୍ତ ସାରାଂଶ ।

ପରିଶିଷ୍ଟ (III) - ମୁଖ୍ୟ ଶୀର୍ଷାନୁଯାୟୀ ଯୋଜନା ବ୍ୟୟ (ରାଜ୍ୟ ଓ ଜିଲ୍ଲାସ୍ତରୀୟ) ।

ପରିଶିଷ୍ଟ (IV) - ବର୍ଷର ପ୍ରାରମ୍ଭ ଓ ଶେଷ ଜମାର ବିଶଦ ବିବରଣୀ ।

ପରିଶିଷ୍ଟ (V) - ଆକସ୍ମିକ ପାଣ୍ଠି ।

ପରିଶିଷ୍ଟ (VI) - ସରକାରୀ ହିସାବର ବିଶଦ ବିବରଣୀ (ବହିଃର୍ଗମନ)

ପରିଶିଷ୍ଟ (VII)- ରାଜ୍ୟ ଋଣ ପରିସ୍ଥିତି ।

ପରିଶିଷ୍ଟ (VIII) - ପ୍ରତ୍ୟାଭୂତି ବିବରଣୀ ।

ପରିଶିଷ୍ଟ (IX) - ସମ୍ପତ୍ତି ସୃଷ୍ଟି ଓ ପୁଞ୍ଜି ସଂରଚନା ପାଇଁ ରାଜସ୍ୱ ହିସାବରୁ ଦିଆଯାଇଥିବା ଖର୍ଚ୍ଚ ନିମିତ୍ତ ଅନୁଦାନର ବିବରଣୀ ।

ପରିଶିଷ୍ଟ (X) - ଅନୁଦାନ ବିବରଣୀ

ପରିଶିଷ୍ଟ (XI) - ରିହାତି ବିବରଣୀ

5. **ଅନୁଦାନ ଦାବି (Demand for Grants)**

ଅନୁଦାନ ଦାବି (ସାରାଂଶ) ବିଭାଗୱାରୀ ଖର୍ଚ୍ଚଦାବୀ କେବଳ ମୁଖ୍ୟ-ଗୌଣଶୀର୍ଷ ପର୍ଯ୍ୟନ୍ତ ଦର୍ଶାଏ । ବିଭିନ୍ନ ବିଭାଗ ନିମନ୍ତେ ଅନୁଦାନ ଦାବି ସଂପୃକ୍ତ ଦାବିର ବିଶଦ ବିବରଣୀ ଓ ଯୋଜନା ପରିକଳ୍ପନାର ତାଲିକା ଦର୍ଶାଏ ।

6. **ବଜେଟ୍ ପ୍ରତି ଦୃଷ୍ଟିପାତ** (Budget at a Glance)

ସଂକ୍ଷେପରେ, ଟିକସ ରାଜସ୍ୱ ଓ ଅନ୍ୟାନ୍ୟ ପ୍ରାପ୍ତି ସହିତ ଆୟ୍ ଓ ବ୍ୟୟ୍ର ହିସାବ ଦର୍ଶାଯାଇଥାଏ । ଏହି ଦସ୍ତାବିଜ ଯୋଜନା ଓ ଅଣଯୋଜନା କ୍ଷେତ୍ରରେ ବ୍ୟୟ୍ର ହିସାବ ଓ ବିଭିନ୍ନ କ୍ଷେତ୍ର ପାଇଁ ପୁଞ୍ଜି ଖର୍ଚ୍ଚ ପ୍ରଦର୍ଶିତ କରେ । ଏହି ଦସ୍ତାବିଜ ମଧ୍ୟ ରାଜ୍ୟ ସରକାରଙ୍କର ରାଜସ୍ୱ ନିଅଣ୍ଟ, ପ୍ରାଥମିକ ନିଅଣ୍ଟ ଓ ବିତ୍ତୀୟ୍ ନିଅଣ୍ଟର ତଥ୍ୟ ସୂଚାଇଥାଏ । ବଜେଟ୍ ପ୍ରତି ଦୃଷ୍ଟିପାତରେ ସମସ୍ତ ହିସାବ " ନିଟ୍ ଫର୍ମ " ଭାବରେ ଦର୍ଶାଯାଇଛି । ଏହି ବିବରଣୀ FRBM ଆଇନ, 2005 ଓ ନିୟ୍ମରେ ଲିପିବଦ୍ଧ ହୋଇଛି ।

7. **ସଙ୍ଗଠିତ ପାଣ୍ଠି** (Consolidated Fund)

ରାଜ୍ୟ ସରକାରଙ୍କର ସମସ୍ତ ପ୍ରାପ୍ତି ଅର୍ଥ ସଂଗଠିତ ପାଣ୍ଠିରେ ଜମା ହୋଇଥାଏ ଓ ବିଧାନସଭାର ଅନୁମୋଦନ କ୍ରମେ ଉକ୍ତ ପାଣ୍ଠିରୁ ଅର୍ଥ ବ୍ୟୟ୍ ହୋଇଥାଏ । ଏହି ସଂଗଠିତ ପାଣ୍ଠି ରାଜସ୍ୱ ପ୍ରାପ୍ତି, ପୁଞ୍ଜି ପ୍ରାପ୍ତି, ରାଜସ୍ୱ ଖର୍ଚ୍ଚ ଓ ପୁଞ୍ଜି ଖର୍ଚ୍ଚର ସମାହାର ।

## ୫. **ଆକସ୍ମିକ ପାଣ୍ଠି** (Contingency Fund)

ଜରୁରୀ ଓ ଅନପେକ୍ଷିତ ବ୍ୟୟ ନିମିତ୍ତ ଅଗ୍ରୀମ ଦେବାପାଇଁ ଓଡିଶା ସରକାର ଏହି ଆକସ୍ମିକ ପାଣ୍ଠିର ପ୍ରବର୍ତ୍ତନ କରିଅଛନ୍ତି । ଏହି ପାଣ୍ଠି ରାଜ୍ୟପାଳଙ୍କ ଅନୁମୋଦନ କ୍ରମେ ଅଗ୍ରୀମ ନିଆଯାଇ ଜରୁରୀ ବ୍ୟୟ କରାଯାଇଥାଏ ଯାହାପାଇଁ ପରବର୍ତ୍ତୀ ସମୟରେ ଅତିରିକ୍ତ ବ୍ୟୟ ଦାବି ପାଇଁ ବିଧାନସଭାର ଅନୁମୋଦନ ଅଣାଯାଇଥାଏ । ବର୍ତ୍ତମାନ ଏହି କର୍ପସ ପାଣ୍ଠି 400 କୋଟି ଟଙ୍କା ବିଶିଷ୍ଟ ।

## ୯. **ସରକାରୀ ହିସାବ** (Public Accounts)

ଭାରତୀୟ ସମ୍ବିଧାନର ଧାରା 266(2) ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା ବା ସରକାରଙ୍କ ତରଫରୁ ପ୍ରାପ୍ତ ଅନ୍ୟ ସମସ୍ତ ସାଧାରଣ ଅର୍ଥ ଯାହା ସଙ୍ଗଠିତ ପାଣ୍ଠିରେ ଜମା ହୋଇପାରିବ ନାହିଁ, ତାହା ରାଜ୍ୟର ସରକାରୀ ହିସାବରେ ଜମା କରାଯାଏ । ସରକାରୀ ହିସାବରୁ ଆବଶ୍ୟକମତେ ଯେତେବେଳେ ଯାହା ଦରକାର ବ୍ୟୟ କରାଯାଏ ଏବଂ ଏଥି ନିମିତ୍ତ ବିଧାନସଭାରେ ବ୍ୟୟ ଦାବି ଉପସ୍ଥାପିତ କରିବାର ଆବଶ୍ୟକତା ନାହିଁ । ଏହି ଦେୟ ବ୍ୟାଙ୍କର ନେଣଦେଣ ଭଳି ଚଳେ । ରାଜ୍ୟ ଭବିଷ୍ୟନିଧି ପାଣ୍ଠି, ରାଜସ୍ୱରୁ ବିନିଯୁକ୍ତ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ବିଭିନ୍ନ ସଂରକ୍ଷିତ ପାଣ୍ଠି, ବିବିଧ ଜମା ଓ ଟଙ୍କା ସରକାରୀ ହିସାବର ଅନ୍ତର୍ଗତ ।

## 10. **ରାଜସ୍ୱ ଆୟ** (Revenue Receipt)

ସରକାରଙ୍କର ରାଜସ୍ୱ ଆୟ ମୁଖ୍ୟତଃ ନିଜସ୍ୱ ରାଜସ୍ୱ ଓ କେନ୍ଦ୍ର ସରକାରଙ୍କଠାରୁ ପ୍ରାପ୍ତିର ସମଷ୍ଟିକୁ ବୁଝାଏ ।

ରାଜ୍ୟର ନିଜସ୍ୱ ଟିକସ ଏବଂ ରାଜ୍ୟର ନିଜସ୍ୱ ଅଣଟିକସ ରାଜସ୍ୱର ସମଷ୍ଟିକୁ ରାଜ୍ୟର ନିଜସ୍ୱ ରାଜସ୍ୱ କୁହାଯାଏ ।

ରାଜ୍ୟର ନିଜସ୍ୱ ଟିକସର ମୂଖ୍ୟ ଉତ୍ସ ଗୁଡିକ ହେଲା, ବିକ୍ରି କର (ମୂଲ୍ୟ ଯୁକ୍ତ କର ଏବଂ କେନ୍ଦ୍ରୀୟ ବିକ୍ରି କର), ରାଜ୍ୟ ଅବକାରୀ ଶୁଳ୍କ, ମୁଦ୍ରାଙ୍କ ଓ ନିବନ୍ଧନ ଶୁଳ୍କ, (Stamp & Registration Fee) ଭୁ-ରାଜସ୍ୱ, ମୋଟରଯାନ କର, ବିଦ୍ୟୁତ୍ ଶୁଳ୍କ, ବୃତ୍ତି କର, ପ୍ରମୋଦ କର, ବିଳାସ କର, ଜଙ୍ଗଲ ଉନ୍ନୟନ କର ଇତ୍ୟାଦି ।

ରାଜ୍ୟର ନିଜସ୍ୱ ଅଣଟିକସ ରାଜସ୍ୱର ମୂଖ୍ୟ ଉତ୍ସ ଗୁଡିକ ହେଲା, ଲୌହ ଓ ଧାତବ ଶିଳ୍ପରୁ ରାଜସ୍ୱ, ଲାଭାଂଶ, ବିଭିନ୍ନ ନିଗମ, ସମବାୟ ସଂସ୍ଥା, ସରକାରୀ କର୍ମଚାରୀଙ୍କୁ ପ୍ରଦତ୍ତ ଋଣ ଏବଂ ଅଗ୍ରିମ ରାଶିରୁ ଉପଲବ୍ଧ ସୁଧ ରାଶି, ଜଳସେଚନ ଦେୟ, ଜଳ ଦେୟ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକରେ ଆଦାୟ ହେଉଥିବା ଦେୟ ଓ ଜୋରିମାନା, ବିଭିନ୍ନ ଡାକ୍ତରଖାନା ମାନଙ୍କରେ ଆଦାୟ ହେଉଥିବା ୟୁଜର୍ସ ଫି , ଜଙ୍ଗଲ ରାଜସ୍ୱ ଇତ୍ୟାଦି ।

କେନ୍ଦ୍ରୀୟ ଟିକସରୁ ରାଜ୍ୟ ଅଂଶ ଏବଂ କେନ୍ଦ୍ର ସରକାରଙ୍କ ଅନୁଦାନ ରାଶି ମୋଟ କେନ୍ଦ୍ରୀୟ ପ୍ରାପ୍ତିରେ ଅନ୍ତର୍ଭୁକ୍ତ ।

ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ କେନ୍ଦ୍ରୀୟ ଟିକସରୁ ରାଜ୍ୟ ଅଂଶ ନିରୁପିତ ହୋଇଥାଏ । କେନ୍ଦ୍ରୀୟ ଟିକସର ବିଭାଜ୍ୟ ପୁଲ୍‌ରେ ନିଗମକର, ଆୟକର, ସୀମାଶୁଳ୍କ କର, କେନ୍ଦ୍ରୀୟ ଅବକାରୀ କର ଓ ସେବା କର ଅନ୍ତର୍ଭୁକ୍ତ । ଏହି ବିଭାଜ୍ୟ ପୁଲରେ କୌଣସି ସେସ୍ ଅଥବା ସରଚାର୍ଜ ଅନ୍ତର୍ଭୁକ୍ତ ନୁହେଁ । ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ସୁପାରିଶ ଅନୁଯାୟୀ କେନ୍ଦ୍ର ଟିକସର ବିଭାଜ୍ୟ ପୁଲ୍‌ରୁ 42 ପ୍ରତିଶତ ଅର୍ଥ ରାଜ୍ୟ ମାନଙ୍କୁ ଆବଣ୍ଟନ କରାଯିବ । କେନ୍ଦ୍ରୀୟକର ରାଜସ୍ୱରୁ ଏହି 42 ପ୍ରତିଶତ ବଦଳ ଅର୍ଥକୁ ସିଧା ହସ୍ତାନ୍ତରଣ (Vertical Transfer) କୁହାଯାଏ । ରାଜ୍ୟମାନଙ୍କୁ ସିଧା ହସ୍ତାନ୍ତରଣ ଅର୍ଥ ମଧ୍ୟରୁ ପ୍ରତ୍ୟେକ ରାଜ୍ୟର ଅଂଶ ନିରୂପଣ ହୋଇଥାଏ ଯାହାକୁ Horizontal Transfer କୁହାଯାଏ । ଓଡ ିଶାର ଏହି ଭାଗ 4.64 ପ୍ରତିଶତ ରେ ଧାର୍ଯ୍ୟ ହୋଇଛି ।

କେନ୍ଦ୍ରରୁ ମିଳୁଥିବା ଅନୁଦାନ, ଯୋଜନା ଓ ଅଣଯୋଜନା ଅନୁଦାନର ସମ୍ମିଶ୍ରଣ । ରାଜସ୍ୱ ନିଅଣ୍ଟ ପରିବର୍ତ୍ତୀ ଅନୁଦାନ ଓ ରାଜ୍ୟ ଦୁର୍ବିପାକ ପ୍ରଶମନ ପାଣ୍ଠି ପାଇଁ ଅନୁଦାନର ସମ୍ମିଶ୍ରଣ ଅଣଯୋଜନା ଅନୁଦାନ ଅଟେ । କେନ୍ଦ୍ରୀୟ ସହାୟତା ମଧ୍ୟରେ ରାଜ୍ୟ ଯୋଜନାରେ ବିଭିନ୍ନ ଯୋଜନା ପାଇଁ ସ୍ୱତନ୍ତ୍ର କେନ୍ଦ୍ରୀୟ ସହାୟତା ଓ କେନ୍ଦ୍ର ପରବର୍ତ୍ତିତ ଯୋଜନାରେ ଅନୁଦାନକୁ ବୁଝାଏ ।

## 11. **ରାଜସ୍ୱ ବ୍ୟୟ** (Revenue Expenditure)

ବେତନ ଓ ଭତ୍ତା, ପେନ୍‌ସନ୍, ସୁଧ ଦେୟ, ରିହାତି, ବାର୍ଦ୍ଧକ୍ୟ ଭତ୍ତା, ବିଦ୍ୟୁତ ଓ ଜଳ ଦେୟ, ଯାନବାହାନ ସମ୍ବନ୍ଧୀୟ ଦେୟ, ଆକସ୍ମିକ ବ୍ୟୟ ଏବଂ ପୁଞ୍ଜି ଭିତ୍ତିଭୂମି ଯଥା:- ରାସ୍ତା, କୋଠାବାଡି, ଜଳସେଚନ କାର୍ଯ୍ୟର ରକ୍ଷଣାବେକ୍ଷଣ ଆଦି ରାଜସ୍ୱ ଖର୍ଚ୍ଚର ଅନ୍ତର୍ଭୁକ୍ତ । ରାଜସ୍ୱ ଖର୍ଚ୍ଚ ସାଧାରଣତଃ ପ୍ରତିଷ୍ଠାନ ଏବଂ ରକ୍ଷଣାବେକ୍ଷଣ ସମ୍ବନ୍ଧିୟ ଖର୍ଚ୍ଚ ଅଟେ। ସମ୍ପତ୍ତି ସୃଷ୍ଟି ଓ ପୁଞ୍ଜି ସଂରଚନା ନିମନ୍ତେ ଅନୁଦାନ ଏବଂ ଅନ୍ୟାନ୍ୟ ରାଜସ୍ୱ ଖର୍ଚ୍ଚର ବିବରଣୀ ବ୍ୟାଖ୍ୟାତ୍ମକ ଜ୍ଞାପନରେ ଦର୍ଶାଯାଇଛି ।

ପ୍ରତିଶୃତିବଦ୍ଧ ବ୍ୟୟ ଦରମା, ପେନ୍‌ସନ୍ ଓ ସୁଧ ପ୍ରଦାନ ପାଇଁ ଉଦ୍ଦିଷ୍ଟ । ଏହି ପ୍ରତିଶୃତିବଦ୍ଧ ବ୍ୟୟ ରାଜ୍ୟ ସରକାରଙ୍କ ରାଜସ୍ୱ ଖର୍ଚ୍ଚର ପ୍ରାଥମିକ ଖର୍ଚ୍ଚ ଅଟେ । ।

## 12. **ପୁଞ୍ଜି ଖର୍ଚ୍ଚ** (Capital Outlay)

କୋଠାବାଡି, ରାସ୍ତା, ଜଳସେଚନ ପ୍ରକଳ୍ପ, ଶକ୍ତି ପ୍ରକଳ୍ପ, ବନ୍ୟା ନିୟନ୍ତ୍ରଣ ପରିଯୋଜନା, ଜଳ ଯୋଗାଣ ପ୍ରକଳ୍ପ ଗୁଡିକର ନିର୍ମାଣ ପୁଞ୍ଜି ଖର୍ଚ୍ଚର ଅନ୍ତର୍ଭୁକ୍ତ । ଏହାଦ୍ୱାରା ସ୍ଥାୟୀ ସଂପତ୍ତି ସଂରଚନା ହୁଏ । କିନ୍ତୁ, ଏହାର ରକ୍ଷଣାବେକ୍ଷଣ ସମ୍ବନ୍ଧୀୟ ଖର୍ଚ୍ଚ ରାଜସ୍ୱ ଖର୍ଚ୍ଚର ଅନ୍ତର୍ଭୁକ୍ତ ।

13. **ପୁଞ୍ଜିଗତ ବ୍ୟୟ** (Capital Expenditure)

ପୁଞ୍ଜିଖର୍ଚ୍ଚ, ସ୍ଥାୟୀ ସମ୍ପତ୍ତି ସଂରଚନା ଜନିତ ଋଣ ପ୍ରଦାନ ଓ ସରକାରୀ ଋଣ ପରିଶୋଧ ପୁଞ୍ଜିଗତ ବ୍ୟୟ ପରିସରଭୁକ୍ତ ।

14. **ପୁଞ୍ଜିଗତ ଆୟ** (Capital Receipt)

ପୁଞ୍ଜିଗତ ଆୟ ଉଭୟ ଋଣ ଓ ଅଣ-ଋଣ ପୁଞ୍ଜି ପ୍ରାପ୍ତିର ସମାହାର । ବିଭିନ୍ନ ନିଗମ, ସମବାୟସଂସ୍ଥା ଓ ସରକାରୀ କର୍ମଚାରୀମାନଙ୍କୁ ଦିଆଯାଇଥିବା ଅଗ୍ରୀମ ଅର୍ଥ ଅସୁଲ ଓ ବିବିଧ ପୁଞ୍ଜିଗତ ଆୟ ଯଥା:- ପୁଞ୍ଜି ପ୍ରତ୍ୟାହାର ଓ ପୁଞ୍ଜି ଅଂଶ ବିକ୍ରୟ ଅଣ ଋଣ ପୁଞ୍ଜି ପ୍ରାପ୍ତ (Non-Debt Capital Receipt) ଅଟେ । କେନ୍ଦ୍ରୀୟ ସହାୟତାର ଋଣ ଅଂଶ, ସ୍ୱଳ୍ପ ସଞ୍ଚୟ ଋଣ, ଖୋଲାବଜାରରୁ ଋଣ, ନାବାର୍ଡଠାରୁ ଋଣ, ଜୀବନବୀମା ନିଗମ, ସାଧାରଣ ବୀମା ନିଗମ, ହୁଡକୋ ଓ ସରକାରୀ କର୍ମଚାରୀମାନଙ୍କର ସାଧାରଣ ଭବିଷ୍ୟନିଧି ଜମା (GPF) ରୁ ପ୍ରାପ୍ତ ପୁଞ୍ଜି ହିସାବରେ ଋଣର ଅନ୍ତର୍ଗତ ଅଟେ ।

ପୁଞ୍ଜି ପ୍ରାପ୍ତି ପାଇଁ ଋଣ ରାଜ୍ୟ ସରକାରଙ୍କର କରଜ ଅର୍ଥ । ଖୋଲାବଜାରରୁ ଋଣ ମାଧ୍ୟମରେ ରାଜ୍ୟର ଉନ୍ନତି ନିମିତ୍ତ ଋଣ, ସାଧାରଣ ଭବିଷ୍ୟନିଧି ଜମାରୁ ଋଣ, ଅର୍ଥ ଯୋଗାଣକାରୀ ଅନୁଷ୍ଠାନ ମାନଙ୍କଠାରୁ ଋଣ ଯଥା ନାବାର୍ଡ, ଜୀବନବୀମା ନିଗମ, ସାଧାରଣବୀମା ନିଗମ, ହୁଡ୍‌କୋ, ଏନ.ସି. ଡି.ସି ଙ୍କ ଋଣ ଓ ସ୍ୱଳ୍ପ ସଞ୍ଚୟରୁ ନିଟ୍ ପ୍ରାପ୍ତରୁ ଋଣ, ରାଜ୍ୟର ଓ ଦ୍ୱିପାକ୍ଷିକ ଆଭ୍ୟନ୍ତରୀଣ ଋଣର ଗୋଟିଏ ଗୋଟିଏ ସୂତ୍ର ଅଟେ । ବର୍ହି ସାହାଯ୍ୟପ୍ରାପ୍ତ ପ୍ରକଳ୍ପ ଅଧିନରେ ଆନ୍ତର୍ଜାତିକ ସଂସ୍ଥାଗୁଡିକ ଠାରୁ ଭାରତ ସରକାରଙ୍କ ଜରିଆରେ ମିଳୁଥିବା ଋଣ ଯାହାକି, ରାଜ୍ୟ ସରକାରଙ୍କୁ ସମାନ ସର୍ତ୍ତରେ ମିଳିଥାଏ, ତାହା ଭାରତ ସରକାରଙ୍କ ଠାରୁ ଋଣ ହିସାବରେ ପରିଗଣିତ ।

15. **ରାଜସ୍ୱ ନିଅଣ୍ଟ** (Revenue Deficit)

ରାଜସ୍ୱ ଆୟ, ରାଜସ୍ୱ ବ୍ୟୟ ଠାରୁ କମ୍ ହେଲେ ଏଥିରୁ ଉତ୍ପନ୍ନ ବିଯୁକ୍ତାତ୍ମକ ପାର୍ଥକ୍ୟକୁ ରାଜସ୍ୱ ନିଅଣ୍ଟ କୁହାଯାଏ ।

16. **ରାଜସ୍ୱ ଉଦ୍‌ବୃତ୍ତ** (Revenue Surplus)

ରାଜସ୍ୱ ଆୟ, ରାଜସ୍ୱ ବ୍ୟୟ ଠାରୁ ଅଧିକ ହେଲେ ଏଥିରୁ ଉତ୍ପନ୍ନ ଯୁକ୍ତାତ୍ମକ ପାର୍ଥକ୍ୟକୁ ରାଜସ୍ୱ ଉଦ୍‌ବୃତ୍ତ କୁହାଯାଏ ।

17. **ବିତ୍ତୀୟ ନିଅଣ୍ଟ** (Fiscal Deficit)

ବିତ୍ତୀୟ ନିଅଣ୍ଟ ସଂପୃକ୍ତ ଆର୍ଥିକ ବର୍ଷରେ ରାଜ୍ୟର ମୋଟ ଋଣ ଆବଶ୍ୟକତାର ପରିମାଣକୁ ସୂଚାଏ । ଏହା ରାଜସ୍ୱ ଆୟ ଏବଂ ଅଣ-ଋଣ ପୁଞ୍ଜି ଆୟର ସମଷ୍ଟି ଠାରୁ ମୋଟ ବ୍ୟୟର ଆଧିକ୍ୟ ପରିମାଣ ।

18. **ପ୍ରାରମ୍ଭିକ ନିଅଣ୍ଟ** (Primary Deficit)

ବିତ୍ତୀୟ ନିଅଣ୍ଟରୁ ସୁଧ ଦେୟକୁ ବାଦ୍ ଦେଲେ ପ୍ରାରମ୍ଭିକ ନିଅଣ୍ଟ ନିରୁପିତ ହୁଏ । ଏହା ସୁଧ ଦେୟ ବାଦ୍ ଅନ୍ୟାନ୍ୟ ମୋଟ ଖର୍ଚ୍ଚକୁ ଭରଣା କରିବା ନିମନ୍ତେ ରାଜ୍ୟର ନୀଟ୍ ଋଣ ପରିମାଣ କୁ ସୂଚାଏ ।

19. **ସୁଧ ଦେୟ ଓ ରାଜସ୍ୱ ଆୟର ଅନୁପାତ**( IP / RR Ratio)

ସୁଧ ଦେୟ ଓ ରାଜସ୍ୱ ଆୟ ଅନୁପାତ, ରାଜ୍ୟର ଅପରିଶୋଧିତ ଋଣ ନିମନ୍ତେ ସୁଧ ଦେୟ ବାବଦକୁ ଭରଣା କରିବା ନିମନ୍ତେ ଆବଶ୍ୟକୀୟ ରାଜସ୍ୱ ଆୟର ପରିମାଣକୁ ସୂଚାଏ ।

20. **ଋଣଭାରର ଅନୁପାତ** (Debt Stock Ratio)

ଋଣଭାରର ଅନୁପାତ, ସାମଗ୍ରୀକ ରାଜ୍ୟ ଘରୋଇ ଉତ୍ପାଦ ତୁଳନାରେ ରାଜ୍ୟର ଅପରିଶୋଧିତ ଋଣର ଶତକଡା ହାରକୁ ସୂଚାଏ ।

## ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟା

ସରକାର ପ୍ରଥମେ ରାଜ୍ୟର ଅର୍ଥନୈତିକ ସ୍ଥିତି ଓ ତାହାର ଅଭିବୃଦ୍ଧି ହାରର ଆକଳନ କରିଥାନ୍ତି । ତଦନୁଯାୟୀ ରାଜ୍ୟର ଆଗାମୀ ଆର୍ଥିକ ବର୍ଷର ଅର୍ଥନୈତିକ ଅଭିବୃଦ୍ଧିର ପ୍ରତ୍ୟାଶା କରିଥାନ୍ତି ଯାହାକି  ଆଗାମୀ ଆର୍ଥିକ ବର୍ଷରେ ପ୍ରଦର୍ଶିତ ହେବ । ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ହାର ଓ ଉଭୟ ରାଜ୍ୟର ନିଜସ୍ୱ ଟିକସ ଓ ଅଣଟିକସ ରାଜସ୍ୱର ବୃଦ୍ଧିହାର ମଧ୍ୟରେ ଥିବା ସମ୍ବେଦନଶୀଳତା (Sensitivity) କୁ ରାଜ୍ୟର ନିଜସ୍ୱ ରାଜସ୍ୱ ପ୍ରାପ୍ତିର ଆକଳନ କରନ୍ତି । ଟିକସ ଓ ଅଣ ଟିକସ ରାଜସ୍ୱ ସମ୍ବନ୍ଧରେ ମତାମତ ମଧ୍ୟ ରାଜ୍ୟର ନିଜସ୍ୱ ରାଜସ୍ୱ ପ୍ରାପ୍ତି ଅଟକଳ ପାଇଁ ବିଚାରକୁ ନିଆଯାଇଥାଏ । କେନ୍ଦ୍ର ସରକାରଙ୍କ ଠାରୁ ସମ୍ବଳ ହସ୍ତାନ୍ତର ସୂତ୍ରରୁ କେନ୍ଦ୍ର ଟିକସରୁ ରାଜ୍ୟ ଅଂଶ ଓ ବିଭିନ୍ନ ଅଣ ଯୋଜନା ଓ ଯୋଜନା ପାଇଁ ଅନୁଦାନ କେନ୍ଦ୍ର ବଜେଟ୍‌ର ବ୍ୟବସ୍ଥା ଅନୁଯାୟୀ ଆକଳନ କରାଯାଇଥାଏ ।  ଏହି ଭଳି ଭାବରେ ରାଜ୍ୟର ମୋଟ ରାଜସ୍ୱ ପ୍ରାପ୍ତି ଅନୁମାନ କରାଯାଇଥାଏ । ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ୍ ପରିଚାଳନା (FRBM) ଆଇନ ଅନୁଯାୟୀ ଆର୍ଥିକ ବର୍ଷ ମଧ୍ୟରେ ରାଜ୍ୟର ମୋଟ ଋଣର ସୀମା

ସ୍ଥିର ହୋଇଛି । ଏହାପରେ ରାଜ୍ୟର ମୋଟ ସମ୍ବଳ ପ୍ରାପ୍ତିର ଚିତ୍ର ମିଳିଥାଏ । ରାଜ୍ୟର ଆବଶ୍ୟକତା ଓ ଅଗ୍ରାଧିକାରକୁ ଆଖି ଆଗରେ ରଖି ବିଭିନ୍ନ କ୍ଷେତ୍ର ପାଇଁ ଅର୍ଥ ବ୍ୟବସ୍ଥା କରାଯାଇଥାଏ । ଅର୍ଥ ବ୍ୟବସ୍ଥା ପୂର୍ବରୁ ପ୍ରତିଶ୍ରୁତିବଦ୍ଧ ବ୍ୟୟ Committed Expenditure ରୁ ଯଥା ଦରମା, ପେନ୍‌ସନ୍ ଓ ସୁଧ ପ୍ରଦାନକୁ ପ୍ରାଥମିକତା ଭିତ୍ତିରେ ଅଲଗା କରାଯାଇଥାଏ । ବଳକା ରାଜସ୍ୱକୁ ଯୋଜନା କ୍ଷେତ୍ରରେ ଆବଣ୍ଟନ କରାଯାଏ । ଯୋଜନା ଅର୍ଥର ଆବଣ୍ଟନ ସମୟରେ ରାଜ୍ୟର ଜନସାଧାରଣଙ୍କ ପ୍ରସ୍ତାବକୁ ସରକାରଙ୍କର ପ୍ରାଥମିକତାକୁ ଅଗ୍ରାଧିକାର ଦିଆଯାଇଥାଏ । ଆକଳିତ ସମ୍ବଳକୁ ପ୍ରଶାସନିକ ବିଭାଗ ଗୁଡିକ ମଧ୍ୟରେ ଆବଣ୍ଟନ କରାଯାଇଥାଏ । ଜନସାଧାରଣଙ୍କ କଲ୍ୟାଣ ପାଇଁ ସରାକାରୀ ଅର୍ଥର ସୁବିନିଯୋଗ ପାଇଁ ଏହି ବାର୍ଷିକ ପ୍ରକ୍ରିୟା ଉଦ୍ଦିଷ୍ଟ ।

## ଆର୍ଥିକ ସମ୍ବଳର ସୂତ୍ର ଓ ବିନିଯୋଗ

### ତଥ୍ୟ-1 : ଅର୍ଥ ଆହରଣର ଉତ୍ସ ଓ ତାହାର ବିନିଯୋଗ



## ତଥ୍ୟ-2 :  ଅର୍ଥ ବିନିଯୋଗର ବିଭିନ୍ନ କ୍ଷେତ୍ର




ଆର୍ଥିକ ସମ୍ବଳର ମୁଖ୍ୟ ଉତ୍ସ ହେଲା କେନ୍ଦ୍ର ସରକାରଙ୍କଠାରୁ  ସମ୍ବଳ ହସ୍ତାନ୍ତର (48 ପ୍ରତିଶତ),  ରାଜ୍ୟର ନିଜସ୍ୱ ରାଜସ୍ୱ (35 ପ୍ରତିଶତ) ଓ ବିଭିନ୍ନ ସୂତ୍ରରୁ ଋଣ (15.60 ପ୍ରତିଶତ) । ଏହି ଆର୍ଥିକ ସମ୍ବଳର ମୁଖ୍ୟକ୍ଷେତ୍ର ଉପଯୋଗ ଗୁଡିକ ହେଲା ଯୋଜନା ଖର୍ଚ୍ଚ ପାଇଁ (49 ପ୍ରତିଶତ) , ଅଣ ଯୋଜନା ଖର୍ଚ୍ଚ ପାଇଁ (44 ପ୍ରତିଶତ) ( ସୁଧ ପ୍ରଦାନ, ଋଣ ପରିଶୋଧ ଓ ଋଣ ଆବଣ୍ଟନ ବ୍ୟତୀତ ) ଓ ସୁଧ ପ୍ରଦାନ ପାଇଁ  5 ପ୍ରତିଶତ ।

## ରାଜ୍ୟ ଅର୍ଥନୀତି ପ୍ରତି ଏକ ଦୃଷ୍ଟିପାତ

ଅଗ୍ରୀମ ଆକଳନ ଭିତ୍ତିରେ 2015-16 ଆର୍ଥିକ ବର୍ଷରେ ମୋଟ ରାଜ୍ୟ ଘରୋଇ ଉତ୍ପାଦ ଚଳିତ ମୁଲ୍ୟରେ 2014-15 ତୁଳନାରେ 7.27 ପ୍ରତିଶତ ବୃଦ୍ଧି ପାଇଥିବା ସ୍ଥଳେ ପ୍ରକୃତ ପକ୍ଷେ 6.16 ପ୍ରତିଶତ (2011-12 ର ସ୍ଥିର ମୁଲ୍ୟ ) ଅନୁସାରେ ବୃଦ୍ଧି ପାଇବ ବୋଲି ଆଶା କରଯାଉଛି । ନାମମାତ୍ର ଓ ପ୍ରକୃତ ମୋଟ ରାଜ୍ୟ ଘରୋଇ ଉତ୍ପାଦର ବୃଦ୍ଧିହାର ତଥ୍ୟ-3 ରେ ଉଲ୍ଲେଖ କରାଯାଇଛି ।

**ତଥ୍ୟ-3 : ନାମମାତ୍ର ଓ ପ୍ରକୃତ ମୋଟ ରାଜ୍ୟ ଘରୋଇ ଉତ୍ପାଦର ଅଭିବୃଦ୍ଧି ହାର (ପ୍ରତିଶତରେ)**

-



ବିଗତ ପାଞ୍ଚ ବର୍ଷରେ ବାର୍ଷିକ ହାରାହାରି ନାମମାତ୍ର ଓ ପ୍ରକୃତ ବୃଦ୍ଧି ଯଥାକ୍ରମେ 10.23 ପ୍ରତିଶତ ଓ 5.16 ପ୍ରତିଶତ ବୋଲି ହିସାବ କରାଯାଇଛି । 2012-13 ଆର୍ଥିକ ବର୍ଷରୁ ମୋଟ ଘରୋଇ ଉତ୍ପାଦର ଅଭିବୃଦ୍ଧି ଧାରା ବର୍ଦ୍ଧିତ ହାରରେ ପ୍ରଦର୍ଶିତ ହୋଇଛି ।

ସାମଗ୍ରୀକ ଘରୋଇ ଉତ୍ପାଦନର ବାର୍ଷିକ ହାରାହାରି ଅଂଶଦାନରୁ ଆର୍ଥିକ ବର୍ଷ 2011-12 ଠାରୁ 2015-16 ମଧ୍ୟରେ ଲକ୍ଷ୍ୟ କଲେ ଜଣା ଯାଏ ଯେ ତୃତୀୟ କ୍ଷେତ୍ରର ଯୋଗଦାନ ସର୍ବାଧିକ 41.57 ପ୍ରତିଶତ ଥିବାବେଳେ ଅନ୍ୟଦୁଇ କ୍ଷେତ୍ର ତଥା ପ୍ରାଥମିକ କ୍ଷେତ୍ର 30.27 ପ୍ରତିଶତ ଓ ଦ୍ୱିତୀୟ କ୍ଷେତ୍ର 28.16 ଅଂଶଦାନ କରିଛନ୍ତି । ରାଜ୍ୟ ସାମଗ୍ରୀକ ଘରୋଇ ଉତ୍ପାଦର ଅଂଶଦାନର ଧାରା, ତଥ୍ୟ-4 ରେ ପ୍ରଦତ୍ତ କରାଯାଇଛି । ବିଗତ ପାଞ୍ଚ ବର୍ଷ ମଧ୍ୟରେ ତୃତାୟ କ୍ଷେତ୍ରରେ ଅଂଶଦାନ ଦୃତ ଅଭିବୃଦ୍ଧି ହେବା ସ୍ଥଳେ ବିତ୍ତୀୟ କ୍ଷେତ୍ରର ଅଂଶଦାନରେ ହ୍ରାସ ଘଟିଛି । ପ୍ରାଥମିକ କ୍ଷେତ୍ରେରେ କୃଷି ଅନ୍ତର୍ଭୁକ୍ତ ଏହାର ଅଂଶଦାନ 2011-12 ରେ 17.69 ପ୍ରତିଶତ ଥିବା ସ୍ଥଳେ 2014-15 ରେ ଏହା 21.33 ପ୍ରତିଶତ ବୃଦ୍ଧି ପାଇଛି ।

**ତଥ୍ୟ-4 : ରାଜ୍ୟ ସାମଗ୍ରୀକ ଘରୋଇ ଉତ୍ପାଦରେ କ୍ଷେତ୍ରୀୟ ଅଂଶଦାନ ଧାରା (ପ୍ରତିଶତରେ)**



## ବ୍ୟୟ ବରାଦ ପାଇଁ ଅର୍ଥ ବ୍ୟବସ୍ଥା

2016-17 ଅର୍ଥିକ  ବର୍ଷରେ ବଜେଟ୍ ବ୍ୟୟ ନିମିତ୍ତ ରାଜସ୍ୱ ବରାଦ ପ୍ରାପ୍ତି ଦ୍ୱାରା ୫3 ପ୍ରତିଶତ ଓ ପୁଞ୍ଜି ପ୍ରାପ୍ତି ଦ୍ୱାରା 17 ପ୍ରତିଶତ ଅର୍ଥ ବ୍ୟବସ୍ଥା ପାଇଁ ପ୍ରସ୍ତାବ ରଖାଯାଇଛି । 2014-15 ଆର୍ଥିକ ବର୍ଷଠାରୁ 2016-17 ଆର୍ଥିକ ବର୍ଷ (ବଜେଟ୍ ଆକଳନ) ପର୍ଯ୍ୟନ୍ତ ମୁଖ୍ୟ ଖର୍ଚ୍ଚ ଗୁଡ଼ିକର ଅନୁପାତ ସାମଗ୍ରୀକ ରାଜ୍ୟ ଘରୋଇ ଉତ୍ପାଦର ପ୍ରତିଶତ ହିସାବରେ ତଥ୍ୟ-5 ରେ ଦର୍ଶାଯାଇଛି ।

**ତଥ୍ୟ-5 : ମୁଖ୍ୟ ଖର୍ଚ୍ଚର ଅନୁପାତ (ସାମଗ୍ରୀକ ଘରୋଇ ଉତ୍ପାଦର ପ୍ରତିଶତ ହିସାବରେ)**



# ବଜେଟ୍ ବ୍ୟୟ ବରାଦର ତର୍ଜମା

ବଜେଟ୍ ଅଟକଳ ଅନୁଯାୟୀ 2015-16 ଆଞ୍ଚଳିକ ବର୍ଷର ବଜେଟ ଅନୁମାନଠାରୁ ପୁଞ୍ଜି ରାଜସ୍ୱ ଖର୍ଚ୍ଚ 13 ପ୍ରତିଶତ ଓ ସେହିପରି ବଜେଟ୍‌ରେ ଅନୁମତି ପୁଞ୍ଜି ଖର୍ଚ୍ଚ 10 ପ୍ରତିଶତ ବୃଦ୍ଧି ପାଇଛି । ଦରମା, ପେନ୍‌ସନ୍ ଓ ଋଣ ପ୍ରଦାନ ଭଳି ପ୍ରତିଶ୍ରୁତି ବଦ୍ଧ ଖର୍ଚ୍ଚ ବାବଦରେ 2015-16 (ବଜେଟ୍ ଅକଳନ) ଠାରୁ ଖର୍ଚ୍ଚ ତୁଳନାରେ ହ୍ରାସ ପାଇଛି । ପୁଞ୍ଜି ଖର୍ଚ୍ଚ, ପ୍ରତିଶ୍ରୁତିବନ୍ଧ 2015-16 (ବଜେଟ୍ ଆକଳନ)ଠାରୁ ବୃଦ୍ଧି ପାଇଛି । 2014-15 ଆର୍ଥିକ ବର୍ଷ ଠାରୁ ପୁଞ୍ଜି ଓ ପ୍ରତିଶ୍ରୁତିବଦ୍ଧ ଖର୍ଚ୍ଚର ଉକ୍ତ ଧାରା ତଥ୍ୟ-6 ରେ ପ୍ରଦତ୍ତ ।

**ତଥ୍ୟ-6 : ପୁଞ୍ଜି ବିନିଯୋଗ ଓ ପ୍ରତିଶ୍ରୁତିବଦ୍ଧ ଖର୍ଚ୍ଚର ଅନୁପାତ**




***CERE:** - ମୋଟ ରାଜସ୍ୱ ଖର୍ଚ୍ଚରେ ପ୍ରତିଶ୍ରୁତି ବଦ୍ଧ ଖର୍ଚ୍ଚର ଅଂଶ, COCE - ପ୍ରତିଶ୍ରୁତି ବଦ୍ଧ ଖର୍ଚ୍ଚର ପ୍ରତିଶତ ହିସାବରେ ପୁଞ୍ଜି ବିନିଯୋଗ ।

ଯୋଜନା ଖର୍ଚ୍ଚ ଓ ଅଣଯୋଜନା ଖର୍ଚ୍ଚ ଏବଂ ଉନ୍ନୟନ ଖର୍ଚ୍ଚ ସହିତ ଅଣ-ଉନ୍ନୟନ ଖର୍ଚ୍ଚର ଅନୁପାତ 2016-17 ଆର୍ଥିକ ବର୍ଷ ବଜେଟରେ ବୃଦ୍ଧି ପାଇଛି ।

**ତଥ୍ୟ-7 : ଉନ୍ନୟନ ଖର୍ଚ୍ଚ ଓ ଯୋଜନା ଖର୍ଚ୍ଚର ଅନୁପାତର ଧାରା**




PENPER - ଯୋଜନା ଖର୍ଚ୍ଚ ଓ ଅଣ-ଯୋଜନା ଖର୍ଚ୍ଚର ଅନୁପାତ, DBNDBR - ଉନ୍ନୟନ ଖର୍ଚ୍ଚରୁ ଅଣ-ଉନ୍ନୟନ ଖର୍ଚ୍ଚର ଅନୁପାତ

ଯୋଜନା ଖର୍ଚ୍ଚର ମୁଖ୍ୟ ଭାଗ ରାଜ୍ୟଯୋଜନା ଖର୍ଚ୍ଚ ଅଟେ । ଉନ୍ନୟନ ଖର୍ଚ୍ଚ ପ୍ରାୟ ସମାନ ଭାବରେ ଉଭୟ ସାମାଜିକ ସେବା ଓ ଆର୍ଥିକ ସେବା କ୍ଷେତ୍ରର ଅଂଶଦାନରୁ ହୋଇଥାଏ । ଉନ୍ନୟନ ମୂଳକ ଖର୍ଚ୍ଚରେ 2016-17 ଆର୍ଥିକ ବର୍ଷରେ ଅର୍ଥନୈତିକ ସେବା କ୍ଷେତ୍ରରେ ପୁଞ୍ଜି ବିନିଯୋଗ ସାମାଜିକ ସେବା କ୍ଷେତ୍ରଠାରୁ 1.63 ଗୁଣା ଆକଳିତ ଥିବା ସ୍ଥଳେ 2015-16 (ବଜେଟ ଆକଳନ) ଅନୁଯାୟୀ 1.23 ଗୁଣା ଥିଲା । ବଜେଟ ଅନୁଯାୟୀ 2016-17 ଆର୍ଥିକ ବର୍ଷରେ ଉନ୍ନୟନମୂଳକ ଖର୍ଚ୍ଚର ଅଂଶ ଋଣ ପରିଶୋଧ ବ୍ୟତୀତ, ମୋଟ ଖର୍ଚ୍ଚର 74.89 ପ୍ରତିଶତ ହେବ । ବଜେଟ ଅଟକଳ ଅନୁଯାୟୀ ବ୍ୟୟ ବରାଦର ଗୁଣାତ୍ମକ ଉନ୍ନତି ଘଟିଛି ଯାହାଦ୍ୱାରା ସାମଗ୍ରୀକ ଅଭିବୃଦ୍ଧି ସମ୍ଭବ ହେବ ।

## ରାଜସ୍ୱ ପ୍ରାପ୍ତିର ଅନୁଶୀଳନ

ବଜେଟ ଆକଳନ ଅନୁଯାୟୀ ମୋଟ ରାଜସ୍ୱ ପ୍ରାପ୍ତି 10.13 ପ୍ରତିଶତ ବୃଦ୍ଧି ପାଇବ ବୋଲି ଆଶା କରାଯାଇ 78,127 କୋଟି ଟଙ୍କା ଆକଳିତ ହୋଇଛି । ରାଜ୍ୟର ମୋଟ ରାଜସ୍ୱ ପ୍ରାପ୍ତିରାଜ୍ୟର ନିଜସ୍ୱ ଟିକସ ରାଜସ୍ୱ, ରାଜ୍ୟର ନିଜସ୍ୱ ଅଣଟିକସ ରାଜସ୍ୱ, କେନ୍ଦ୍ରୀୟ ଟିକସର ଅଂଶ ଏବଂ କେନ୍ଦ୍ରଠାରୁ ଅନୁଦାନର ସମାହାର । ମୋଟ ରାଜସ୍ୱ ପ୍ରାପ୍ତିରେ ଏହି ଉପାଦାନଗୁଡ଼ିକରୁ ଅଂଶଦାନ ତଥ୍ୟ-୪ ରେ ପ୍ରଦତ୍ତ ।

**ତଥ୍ୟ-୪: ରାଜସ୍ୱ ପାପ୍ତିର ବିଭିନ୍ନ ଅଂଶ**



ଉଭୟ ରାଜ୍ୟର ନିଜସ୍ୱ ଟିକସ (30 ପ୍ରତିଶତ) ଓ ଅଣ ଟିକସ ରାଜସ୍ୱ (13 ପ୍ରତିଶତ)ର ଅଂଶଦାନ 2015-16 ବଜେଟ ଆକଳନ ଓ 2016-17 ବଜେଟ ଆକଳନ ଅନୁଯାୟୀ ସମାନ ସ୍ତରରେ ରହିଛି । କେନ୍ଦ୍ରୀୟ  ଟିକସର ରାଜ୍ୟ ଅଂଶ, ରାଜ୍ୟର ମୋଟ ରାଜସ୍ୱ ପ୍ରାପ୍ତିକୁ କରୁଥିବା ଅଂଶଦାନ (Contribution) 2015-16 ବଜେଟ ଆକଳନ ତୁଳନାରେ 2016-17  ଆର୍ଥିକ ବର୍ଷରେ 6 ପ୍ରତିଶତ ବୃଦ୍ଧି ପାଇଛି ଏବଂ କେନ୍ଦ୍ରଠାରୁ ଅନୁଦାନରେ ଅଂଶଦାନ ହ୍ରାସ ହେବା ସତ୍ତ୍ୱେ କେନ୍ଦ୍ରଠାରୁ ସାମଗ୍ରିକ କେନ୍ଦ୍ରୀୟ ହସ୍ତାନ୍ତରର ଅଂଶଦାନ 6 ପ୍ରତିଶତ ଅପରିବର୍ତ୍ତିତ ରହିଛି । କେନ୍ଦ୍ରୀୟ ସମ୍ବଳ ହସ୍ତାନ୍ତରରେ 2016-17 (ବଜେଟ୍ ଆକଳନ) ଅନୁଯାୟୀ କୌଣସି ଉନ୍ନତି ପରିଲକ୍ଷିତ ହେଉନାହିଁ । କେନ୍ଦ୍ରଠାରୁ ଆକଳିତ ଅନୁଦାନ ପ୍ରାପ୍ତିର ପରିମାଣ 12 ପ୍ରତିଶତ ହ୍ରାସ ପାଇଛି କାରଣ କେତେକ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାକୁ ବନ୍ଦକରିଦିଆଗଲା  ଓ କେତେକଙ୍କର କେନ୍ଦ୍ରୀୟ ସହାୟତା ହ୍ରାସ ପାଇଲା ।

## ନିଜସ୍ୱ ଟିକସ ରାଜସ୍ୱର ବିଶ୍ଳେଷଣ

ବିକ୍ରିକର ସୁତ୍ରରୁ 13,616 କୋଟି ଟଙ୍କାର ଆଦାୟ ଲକ୍ଷ୍ୟ ନିଜସ୍ୱ ଟିକସ ରାଜସ୍ୱର ଏକ ବୃହତ ଅଂଶ ଅଟେ ଯାହା 59 ପ୍ରତିଶତ ମୋଟ ନିଜସ୍ୱ ଟିକସ ରାଜସ୍ୱ ପ୍ରଦାନ କରେ । ଏହା ପଛକୁ 3000 କୋଟି ଟଙ୍କାର ରାଜ୍ୟ ଅବକାରୀ ଶୁଳ୍କ 13 ପ୍ରତିଶତ ଟିକସ ରାଜସ୍ୱ ପ୍ରଦାନ କରେ । ତତ୍ ସହିତ ଷ୍ଟାମ୍ପ ଶୁଳକ ଓ ରେଜିଷ୍ଟ୍ରେସନ ଖର୍ଚ୍ଚ, ପ୍ରବେଶ କର ବିଦ୍ୟୁତ ଶୁଳ୍କଓ ଅନ୍ୟାନ୍ୟ ସୁତ୍ରରୁ ଟିକସ ରାଜସ୍ୱ ପ୍ରାପ୍ତି ହୋଇଥାଏ । ରାଜ୍ୟର ନିଜସ୍ୱ ଟିକସ ରାଜସ୍ୱର ବିଭିନ୍ନ ଅଂଶ ତଥ୍ୟ-୨ ରେ ପ୍ରଦତ୍ତ ।

### ତଥ୍ୟ-୨ : ରାଜ୍ୟର ନିଜସ୍ୱ ଟିକସର ବିଭିନ୍ନ ଅଂଶ



## ଅଣଟିକସ ରାଜସ୍ୱର ଅନୁଧ୍ୟାନ

ଅଣ ଟିକସ ରାଜସ୍ୱ କ୍ଷେତ୍ରରୁ ୨,822,୨3 କୋଟି ଟଙ୍କା ଆଦାୟ୍ ହେବାର ଲକ୍ଷ୍ୟ ବଜେଟରେ ଆକଳନ କରାଯାଇଛି । ଅଣଲୌହ ଖଣିଜ ଓ ଖଣିଜ ଶିଳ୍ପରୁ ପ୍ରାପ୍ତି ଅଣ ଟିକସ ରାଜସ୍ୱର ମୁଖ୍ୟ ଉପାଦାନ । ଏହା ମୋଟ ଅଣ ଟିକସ ରାଜସ୍ୱର 6୪ ପ୍ରତିଶତ ଅଟେ । ଲାଭାଂଶରୁ ପ୍ରାପ୍ତ ରାଜସ୍ୱ ଅଣ ଟିକସ ରାଜସ୍ୱର 10 ପ୍ରତିଶତ ଅଟେ । ଅଣ ଟିକସ ରାଜସ୍ୱର ବିଭିନ୍ନ ଅଂଶ ସାରଣୀ-1ରେ ପ୍ରଦର୍ଶିତ ହୋଇଛି ।

**ସାରଣୀ-1: ଅଣ ଟିକସ ରାଜସ୍ୱର ବିଭିନ୍ନ ଅଂଶ (କୋଟି ଟଙ୍କାରେ)**

| ଅଣଟିକସ ରାଜସ୍ୱ ଉପାଦାନ | ପରିମାଣ | ପ୍ରତିଶତ ଅଂଶ |
|---|---|---|
| ସୁଧ | 310.00 | 3.16% |
| ଲାଭଂଶ | 1000.00 | 10.18% |
| ଶିକ୍ଷା | 63.68 | 0.65% |
| ମେଡିକାଲ | 38.12 | 0.39% |
| ଜଳ ଯୋଗାଣ ଓ ପରିମଳ | 77.07 | 0.78% |
| ଗୃହ ନିର୍ମାଣ | 17.34 | 0.18% |
| ଜଙ୍ଗଲ ଓ ବନ୍ୟପ୍ରାଣୀ | 41.00 | 0.42% |
| ବୃହତ ଜଳ ସେଚନ | 432.00 | 4.40% |
| ମଧ୍ୟମ ଜଳସେଚନ | 201.00 | 2.05% |
| କ୍ଷୁଦ୍ର ଜଳସେଚନ | 17.00 | 0.17% |
| ଅଣ ଲୌହ ଖଣିଜ ଓ ଖଣିଜ ଶିଳ୍ପ | 6720.00 | 68.41% |
| ଅନ୍ୟାନ୍ୟ | 905.72 | 9.22% |
| ମୋଟ | **9822.93** | **100%** |

## ଆର୍ଥିକ ବର୍ଷ 2016-17 ରେ ବିଭାଗୱାରୀ ବ୍ୟୟ୍

ସ୍କୁଲ ଗଣଶିକ୍ଷା ବିଭାଗକୁ ସବୁଠାରୁ ଅଧିକ ଅର୍ଥ (11,203 କୋଟି ଟଙ୍କା) ଦିଆଯାଇଥିବା ସ୍ଥଳେ ପଞ୍ଚାୟତିରାଜ ବିଭାଗକୁ 8434 କୋଟି ଟଙ୍କା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ 4033 କୋଟି ଟଙ୍କା ପ୍ରଦାନ କରାଯାଇଛି। ପ୍ରଶାସନ ବିଭାଗଗୁଡ଼ିକୁ ରାଜସ୍ୱ ଓ ପୁଞ୍ଜି ଜରିଆରେ ଅର୍ଥ ବ୍ୟବସ୍ଥା ସାରଣୀ-2ରେ ପ୍ରଦତ୍ତ । ଉଭୟ୍ ଅଣଯୋଜନା ଓ ଯୋଜନା ଅର୍ଥ ବ୍ୟବସ୍ଥାର ପୃଥକ ତାଲିକା ସାରଣୀ-2ରେ ଉପସ୍ଥାପନ କରାଯାଇଛି ।

## ସାରଣୀ-2: ଅଣଯୋଜନା ଓ ଯୋଜନା ଅର୍ଥ ବ୍ୟବସ୍ଥାର ପୃଥକ ତାଲିକା (କୋଟି ଟଙ୍କାରେ)

| ଦାବୀ ନଂ | ବିଭାଗ ନାମ | ରାଜସ୍ୱ /ପୁଞ୍ଜି | ଅଣ ଯୋଜନା | ରାଜ୍ୟ ଯୋଜନା | କେନ୍ଦ୍ର ଯୋଜନା | କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା | ମୋଟ |
|---|---|---|---|---|---|---|---|
| 1 | ସ୍ୱରାଷ୍ଟ୍ର ବିଭାଗ | Revenue | 3430.69 | 15.96 | 0.00 | 0.00 | 3446.65 |
| | | Capital | 0.00 | 257.93 | 0.00 | 0.00 | 257.93 |
| | | Total | 3430.69 | 273.89 | 0.00 | 0.00 | 3704.58 |
| 2 | ସାଧାରଣ ପ୍ରଶାସନ ବିଭାଗ | Revenue | 135.90 | 18.10 | 0.00 | 0.00 | 154.00 |
| | | Capital | 0.00 | 86.76 | 0.00 | 0.00 | 86.76 |
| | | Total | 135.90 | 104.86 | 0.00 | 0.00 | 240.76 |
| 3 | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ | Revenue | 2482.83 | 701.49 | 3.57 | 0.00 | 3187.89 |
| | | Capital | 0.98 | 70.00 | 0.00 | 0.00 | 70.98 |
| | | Total | 2483.81 | 771.49 | 3.57 | 0.00 | 3258.87 |
| 4 | ଆଇନ ବିଭାଗ | Revenue | 226.94 | 24.62 | 4.05 | 0.00 | 255.62 |
| | | Capital | 0.00 | 5.00 | 0.00 | 0.00 | 5.00 |
| | | Total | 226.94 | 29.62 | 4.05 | 0.00 | 260.62 |
| 5 | ଅର୍ଥ ବିଭାଗ | Revenue | 15892.39 | 0.00 | 0.00 | 0.00 | 15892.39 |
| | | Capital | 1369.73 | 0.00 | 0.00 | 0.00 | 1369.73 |
| | | Total | 17262.12 | 0.00 | 0.00 | 0.00 | 17262.12 |
| 6 | ବାଣିଜ୍ୟ ବିଭାଗ | Revenue | 63.24 | 2.30 | 0.00 | 0.00 | 65.54 |
| | | Capital | 0.00 | 13.30 | 0.00 | 0.00 | 13.30 |
| | | Total | 63.24 | 15.60 | 0.00 | 0.00 | 78.84 |
| 7 | ନିର୍ମାଣ ବିଭାଗ | Revenue | 1603.24 | 550.00 | 0.00 | 0.00 | 2153.24 |
| | | Capital | 0.00 | 2371.18 | 0.00 | 0.00 | 2371.18 |
| | | Total | 1603.24 | 2921.18 | 0.00 | 0.00 | 4524.42 |
| 8 | ଓଡିଶା ବିଧାନ ସଭା | Revenue | 34.88 | 0.00 | 0.00 | 0.00 | 34.88 |
| | | Capital | 0.56 | 0.00 | 0.00 | 0.00 | 0.56 |
| | | Total | 35.44 | 0.00 | 0.00 | 0.00 | 35.44 |
| 9 | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ | Revenue | 887.37 | 46.84 | 0.00 | 17.85 | 952.06 |
| | | Capital | 0.00 | 2.50 | 0.00 | 0.00 | 2.50 |
| | | Total | 887.37 | 49.34 | 0.00 | 17.85 | 954.56 |
| 10 | ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | Revenue | 6638.52 | 4512.84 | 0.00 | 0.00 | 11151.36 |
| | | Capital | 0.00 | 51.49 | 0.00 | 0.00 | 51.49 |
| | | Total | 6638.52 | 4564.33 | 0.00 | 0.00 | 11202.85 |
| 11 | ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ | Revenue | 992.20 | 1171.76 | 154.04 | 0.00 | 2318.00 |
| | | Capital | 0.00 | 517.12 | 0.00 | 0.00 | 517.12 |
| | | Total | 992.20 | 1688.88 | 154.04 | 0.00 | 2835.12 |

| ଦାବୀ ନଂ | ବିଭାଗ ନାମ | ରାଜସ୍ୱ /ପୁଞ୍ଜି | ଅଣ ଯୋଜନା | ରାଜ୍ୟ ଯୋଜନା | କେନ୍ଦ୍ର ଯୋଜନ | କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା | ମୋଟ |
|---|---|---|---|---|---|---|---|
| 12 | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ | Revenue | 1941.57 | 2041.38 | 49.01 | 0.91 | 4032.87 |
| | | Capital | 0.00 | 739.00 | 0.00 | 0.00 | 739.00 |
| | | Total | 1941.57 | 2780.38 | 49.01 | 0.91 | 4771.87 |
| 13 | ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗ | Revenue | 1769.11 | 1122.01 | 1.10 | 0.00 | 2892.22 |
| | | Capital | 0.00 | 464.88 | 0.00 | 0.00 | 464.88 |
| | | Total | 1769.11 | 1586.89 | 1.10 | 0.00 | 3357.10 |
| 14 | ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ | Revenue | 81.60 | 13.66 | 0.00 | 0.00 | 95.25 |
| | | Capital | 0.00 | 2.50 | 0.00 | 0.00 | 2.50 |
| | | Total | 81.60 | 16.16 | 0.00 | 0.00 | 97.75 |
| 15 | କ୍ରୀଡା ଓ ଯୁବସେବା ବିଭାଗ | Revenue | 28.96 | 17.85 | 0.00 | 0.00 | 46.81 |
| | | Capital | 0.00 | 38.75 | 0.00 | 0.00 | 38.75 |
| | | Total | 28.96 | 56.60 | 0.00 | 0.00 | 85.56 |
| 16 | ଯୋଜନା ଓ ସଂଯୋଜନା ବିଭାଗ | Revenue | 39.40 | 518.22 | 55.13 | 0.00 | 612.75 |
| | | Capital | 0.00 | 202.50 | 0.00 | 0.00 | 202.50 |
| | | Total | 39.40 | 720.72 | 55.13 | 0.00 | 815.25 |
| 17 | ପଞ୍ଚାୟତିରାଜ ବିଭାଗ | Revenue | 3078.36 | 5353.63 | 0.06 | 1.90 | 8433.95 |
| | | Capital | 0.00 | 25.00 | 0.00 | 0.00 | 25.00 |
| | | Total | 3078.36 | 5378.63 | 0.06 | 1.90 | 8458.95 |
| 18 | ସାଧାରଣ ଅଭିଯୋଗ ଓ ପେନସନ୍ ପ୍ରଶାସନ ବିଭାଗ | Revenue | 1.88 | 0.00 | 0.00 | 0.00 | 1.88 |
| | | Total | 1.88 | 0.00 | 0.00 | 0.00 | 1.88 |
| 19 | ଶିଳ୍ପ ବିଭାଗ | Revenue | 2.91 | 90.27 | 0.00 | 0.00 | 93.18 |
| | | Capital | 0.00 | 0.00 | 0.00 | 0.00 | 0.00 |
| | | Total | 2.91 | 90.27 | 0.00 | 0.00 | 93.18 |
| 20 | ଜଳ ସମ୍ପଦ ବିଭାଗ | Revenue | 1241.06 | 734.51 | 0.00 | 0.00 | 1975.57 |
| | | Capital | 0.00 | 5266.09 | 0.00 | 0.00 | 5266.09 |
| | | Total | 1241.06 | 6000.60 | 0.00 | 0.00 | 7241.66 |
| 21 | ପରିବହନ ବିଭାଗ | Revenue | 61.74 | 23.50 | 3.09 | 0.00 | 88.33 |
| | | Capital | 0.00 | 295.50 | 0.00 | 0.00 | 295.50 |
| | | Total | 61.74 | 319.00 | 3.09 | 0.00 | 383.83 |
| 22 | ଜଙ୍ଗଲ ଓ ପରିବେଶ ବିଭାଗ | Revenue | 372.10 | 217.12 | 10.00 | 0.00 | 599.22 |
| | | Capital | 0.00 | 4.00 | 0.00 | 0.00 | 4.00 |
| | | Total | 372.10 | 221.12 | 10.00 | 0.00 | 603.22 |
| 23 | କୃଷି ଓ କୃଷକ ସଶକ୍ତିକରଣ ବିଭାଗ | Revenue | 579.21 | 2816.51 | 0.00 | 0.00 | 3395.71 |
| | | Capital | 0.00 | 43.20 | 0.00 | 0.00 | 43.20 |
| | | Total | 579.21 | 2859.71 | 0.00 | 0.00 | 3438.91 |
| 24 | ଇସ୍ପାତ ଓ ଖଣି ବିଭାଗ | Revenue | 47.91 | 35.96 | 0.00 | 0.00 | 83.86 |
| | | Capital | 0.00 | 1.00 | 0.00 | 0.00 | 1.00 |
| | | Total | 47.91 | 36.96 | 0.00 | 0.00 | 84.86 |
| 25 | ସୂଚନା ଓ ଲୋକ ସଂପର୍କ ବିଭାଗ | Revenue | 52.75 | 14.00 | 0.00 | 0.00 | 66.75 |
| | | Capital | 0.00 | 4.00 | 0.00 | 0.00 | 4.00 |
| | | Total | 52.75 | 18.00 | 0.00 | 0.00 | 70.75 |
| 26 | ଅବକାରୀ ବିଭାଗ | Revenue | 71.71 | 0.00 | 0.00 | 0.00 | 71.71 |
| | | Capital | 0.00 | 5.00 | 0.00 | 0.00 | 5.00 |
| | | Total | 71.71 | 5.00 | 0.00 | 0.00 | 76.71 |

| ଦାବୀ ନଂ | ବିଭାଗ ନାମ | ରାଜସ୍ୱ /ପୁଞ୍ଜି | ଅଣ ଯୋଜନା | ରାଜ୍ୟ ଯୋଜନା | କେନ୍ଦ୍ର ଯୋଜନ | କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା | ମୋଟ |
|---|---|---|---|---|---|---|---|
| 27 | ବିଜ୍ଞାନ ଓ ବୈଷୟିକ ବିଭାଗ | Revenue | 11.82 | 49.65 | 0.00 | 0.00 | 61.47 |
| | | Total | 11.82 | 49.65 | 0.00 | 0.00 | 61.47 |
| 28 | ଗ୍ରାମ୍ୟ ଉନ୍ନୟନ ବିଭାଗ | Revenue | 1291.63 | 1277.63 | 0.00 | 0.00 | 2569.26 |
| | | Capital | 0.00 | 3920.60 | 0.00 | 0.00 | 3920.60 |
| | | Total | 1291.63 | 5198.23 | 0.00 | 0.00 | 6489.86 |
| 29 | ସଂସଦୀୟ ବ୍ୟାପାର ବିଭାଗ | Revenue | 31.48 | 0.00 | 0.04 | 0.00 | 31.52 |
| | | Capital | 0.00 | 5.00 | 0.00 | 0.00 | 5.00 |
| | | Total | 31.48 | 5.00 | 0.04 | 0.00 | 36.52 |
| 30 | ଶକ୍ତି ବିଭାଗ | Revenue | 21.24 | 10.00 | 0.00 | 0.00 | 31.24 |
| | | Capital | 1196.18 | 1573.51 | 0.00 | 0.00 | 2769.69 |
| | | Total | 1217.41 | 1583.51 | 0.00 | 0.00 | 2800.92 |
| 31 | ହସ୍ତତନ୍ତ , ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ | Revenue | 52.42 | 95.40 | 0.00 | 0.00 | 147.82 |
| | | Capital | 0.00 | 70.00 | 0.00 | 0.00 | 70.00 |
| | | Total | 52.42 | 165.40 | 0.00 | 0.00 | 217.82 |
| 32 | ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ | Revenue | 40.76 | 84.85 | 0.00 | 0.00 | 125.61 |
| | | Capital | 0.00 | 86.93 | 30.00 | 0.00 | 116.93 |
| | | Total | 40.76 | 171.78 | 30.00 | 0.00 | 242.54 |
| 33 | ମତ୍ସ୍ୟ ଓ ପଶୁ ସମ୍ପଦ ଉନ୍ନୟନ ବିଭାଗ | Revenue | 330.20 | 205.51 | 0.73 | 19.48 | 555.92 |
| | | Capital | 0.00 | 123.68 | 0.00 | 0.00 | 123.68 |
| | | Total | 330.20 | 329.19 | 0.73 | 19.48 | 679.60 |
| 34 | ସମବାୟ ବିଭାଗ | Revenue | 101.89 | 1422.83 | 0.00 | 0.00 | 1524.73 |
| | | Capital | 0.00 | 297.00 | 0.00 | 0.00 | 297.00 |
| | | Total | 101.89 | 1719.83 | 0.00 | 0.00 | 1821.73 |
| 35 | ସରକାରୀ ଉଦ୍ୟୋଗ ବିଭାଗ | Revenue | 2.46 | 2.00 | 0.00 | 0.00 | 4.46 |
| | | Total | 2.46 | 2.00 | 0.00 | 0.00 | 4.46 |
| 36 | ମହିଳା ଓ ଶିଶୁ ବିକାଶ ବିଭାଗ | Revenue | 18.30 | 2768.30 | 0.00 | 0.00 | 2786.60 |
| | | Capital | 0.00 | 0.00 | 0.00 | 0.00 | 0.00 |
| | | Total | 18.30 | 2768.30 | 0.00 | 0.00 | 2786.60 |
| 37 | ଇଲୋକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ | Revenue | 3.44 | 127.19 | 0.00 | 0.00 | 130.62 |
| | | Total | 3.44 | 127.19 | 0.00 | 0.00 | 130.62 |
| 38 | ଉଚ୍ଚ ଶିକ୍ଷା ବିଭାଗ | Revenue | 1235.80 | 887.20 | 0.50 | 0.00 | 2123.50 |
| | | Capital | 0.00 | 70.00 | 0.00 | 0.00 | 70.00 |
| | | Total | 1235.80 | 957.20 | 0.50 | 0.00 | 2193.50 |
| 39 | ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ | Revenue | 202.93 | 38.23 | 0.00 | 0.14 | 241.30 |
| | | Capital | 0.00 | 388.40 | 0.00 | 0.00 | 388.40 |
| | | Total | 202.93 | 426.63 | 0.00 | 0.14 | 629.70 |
| 40 | ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ | Revenue | 56.64 | 39.50 | 0.00 | 4.55 | 100.69 |
| | | Capital | 0.00 | 10.00 | 0.00 | 0.00 | 10.00 |
| | | Total | 56.64 | 49.50 | 0.00 | 4.55 | 110.69 |
| 41 | ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ | Revenue | 369.57 | 1537.39 | 0.00 | 0.00 | 1906.95 |
| | | **Total** | **369.57** | **1537.39** | **0.00** | **0.00** | **1906.95** |
| ସର୍ବ ମୋଟ | | **Revenue** | **45529.04** | **28588.18** | **281.33** | **44.83** | **74443.38** |
| | | **Capital** | **2567.45** | **17011.82** | **30.00** | **0.00** | **19609.27** |
| | | **Total** | **48096.49** | **45600.00** | **311.33** | **44.83** | **94052.65** |

ମୋଟ ବଜେଟ ଅର୍ଥ ବ୍ୟବସ୍ଥାର 80 ପ୍ରତିଶତ ଅର୍ଥ 20ଟି ପ୍ରମୁଖ ବିଭାଗ ମାନଙ୍କ ମଧ୍ୟରେ ଆବଣ୍ଟନ କରାଯାଇଛି । ପ୍ରମୁଖ 10 ଗୋଟି ବିଭାଗ ମୋଟ ବଜେଟ ଅର୍ଥ ବ୍ୟବସ୍ଥାର 60 ପ୍ରତିଶତ ଅର୍ଥ ପାଇଛନ୍ତି (ସାରଣୀ-1)। ଏହି ବିଭାଗଗୁଡ଼ିକ ମୂଖ୍ୟତଃ ସାମାଜିକ ସେବା ଓ ଅର୍ଥନୈତିକ ସେବା କ୍ଷେତ୍ରସହ ଜଡ଼ିତ ।

**ସାରଣୀ-3 : ପ୍ରମୁଖ ବିଭାଗ ମାନଙ୍କ ମଧ୍ୟରେ ବଜେଟ୍ ଅର୍ଥ ଆବଣ୍ଟନ**

| | | |
|---|---|---|
| 1 | ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ | 11.66% |
| 2 | ପଞ୍ଚାୟତିରାଜ ବିଭାଗ | 8.80% |
| 3 | ଜଳ ସମ୍ପଦ ବିଭାଗ | 7.54% |
| 4 | ଗ୍ରାମ୍ୟ ଉନ୍ନୟନ ବିଭାଗ | 6.75% |
| 5 | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ | 4.97% |
| 6 | ନିର୍ମାଣ ବିଭାଗ | 4.71% |
| 7 | ସ୍ୱରାଷ୍ଟ୍ର ବିଭାଗ | 3.86% |
| 8 | କୃଷି ଓ କୃଷକ ସଶକ୍ତିକରଣ ବିଭାଗ | 3.58% |
| 9 | ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗ | 3.49% |
| 10 | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ | 3.39% |
| 11 | ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ | 2.95% |
| 12 | ଶକ୍ତି ବିଭାଗ | 2.91% |
| 13 | ମହିଳା ଓ ଶିଶୁ ବିକାଶ ବିଭାଗ | 2.90% |
| 14 | ଉଚ୍ଚ ଶିକ୍ଷା ବିଭାଗ | 2.28% |
| 15 | ଶିଳ୍ପ ବିଭାଗ | 2.06% |
| 16 | ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ | 1.98% |
| 17 | ସମବାୟ ବିଭାଗ | 1.90% |
| 18 | ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ | 0.99% |
| 19 | ଯୋଜନା ଓ ସଂଯୋଜନା ବିଭାଗ | 0.85% |
| 20 | ମତ୍ସ୍ୟ ଓ ପଶୁ ସମ୍ପଦ ଉନ୍ନୟନ ବିଭାଗ | 0.71% |
| 21 | ଅନ୍ୟାନ୍ୟ ବିଭାଗ | 21.72% |

## 2016-17 ପାଇଁ FRBM ଲକ୍ଷ୍ୟ

- ଆକଳନ କରାଯାଇଥିବା ବଳକା ରାଜସ୍ୱ ମୋଟ ର 0.96% ଅଟେ, ଯାହିକି FRBM ର ଶୂନ୍ୟ ରାଜସ୍ୱ ନିଅଣ୍ଟ ବା ସମତୁଲ ରାଜସ୍ୱ ହିସାବ ଲକ୍ଷ୍ୟ ପୁରଣ କରୁଚ୍ଛି ।
- ବିତ୍ତୀୟ ନିଅଣ୍ଟ ସାମଗ୍ରୀକ ରାଜ୍ୟ ଘରୋଇ ଉତ୍ପାଦର 3.79 ପ୍ରତିଶତ ଅନୁମାନ କରାଯାଇଚ୍ଛି । ଯଦି, UDAY ଯୋଜନା ପାଇଁ ଦିଆଯାଇଥିବା 1196 କୋଟି 18 ଲକ୍ଷ ଟଙ୍କାର ଋଣ ଆହରଣ ବାଦ୍ ଦିଆଯାଏ, ତେବେ ବିତ୍ତୀୟ ନିଅଣ୍ଟ ମୋଟ ମୂଲ୍ୟର 3.48 ପ୍ରତିଶତକୁ କମି ଆସିବ ଯାହାକି ପ୍ରସ୍ତାବିତ FRBM ଲକ୍ଷ୍ୟ 3.5 ପ୍ରତିଶତରୁ କମ୍ ରହିବ ।
- ସୁଧ ଦେୟ ଓ ରାଜସ୍ୱ ପ୍ରାପ୍ତି (IP/RR) ହାରର ଲକ୍ଷ୍ୟ 5.95% ଧାର୍ଯ୍ୟ କରାଯାଇଚ୍ଛି, ଯାହାକି FRBM ଲକ୍ଷ୍ୟର 15 ପ୍ରତିଶତଠାରୁ କମ୍ ଅଟେ ।
- ଋଣଭାର ଓ ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦର ହାର, 2016-17 ଆର୍ଥିକ ବର୍ଷର ଶେଷ ଭାଗ ସୁଦ୍ଧା 16.96 ପ୍ରତିଶତ ହେବ ବୋଲି ଆକଳନ କରାଯାଇଚ୍ଛି, ଯାହାକି FRBM ଲକ୍ଷ୍ୟ ଅନୁଯାୟୀ 25 ପ୍ରତଶତରୁ କମ୍ ଅଟେ ।
**2016-17 ଆର୍ଥିକ ବର୍ଷର ବଜେଟ୍ FRBM ସଂଗତ ଅଟେ ।**

## ବଜେଟ୍ ବ୍ୟୟ ବରାଦ ଓ ବିତ୍ତୀୟ ସୂଚକାଙ୍କ

- ଓଡିଶାର ସାମଗ୍ରୀକ ରାଜ୍ୟ ଘରୋଇ ଉତ୍ପାଦ ଚଳିତ ମୂଲ୍ୟ (current price)ରେ 2016-17 ପାଇଁ 3,83,228 କୋଟିଟଙ୍କା ଆକଳନ କରାଯାଇଚ୍ଛି, ଯାହାକୁ 2015-16 ର Advance Estimate ଠାରୁ 15.32 ପ୍ରତିଶତ ଅଭିବୃଦ୍ଧି ଅଟେ ।
- ମୋଟ ବ୍ୟୟ ବରାଦ 2016-17 ରେ 94,052 କୋଟି 65 ଲକ୍ଷ ଅଟେ । ଏହା 2015-16 ଆର୍ଥିକ ବର୍ଷ (BE) ଠାରୁ 11.32% ଅଧିକ ବୋଲି ଆକଳନ କରାଯାଇଚ୍ଛି ।
- ମୋଟ ପ୍ରାପ୍ତି (ଋଣକୁ ଚ୍ଛାଡି) 2016-17 ପାଇଁ 78,126 କୋଟି 72 ଲକ୍ଷ ଟଙ୍କା ଅଟେ ଓ ଏହା 2015-16 ଆର୍ଥିକ ବର୍ଷର ସଂଶୋଧିତ ଅନୁମାନ ଅପେକ୍ଷା 10.13 ପ୍ରତିଶତ ଅଧିକ ହେବ ବୋଲି ଆକଳନ କରାଯାଇଚ୍ଛି ।
- ରାଜସ୍ୱ ବଳକା ଆଗାମୀ ଆର୍ଥିକ ବର୍ଷ ପାଇଁ 3683 କୋଟି 34 ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଚ୍ଛି ଏବଂ ଏହା ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦର 0.96 ପ୍ରତିଶତ ଅଟେ ।
- ବିତ୍ତୀୟ ନିଅଣ୍ଟ (Ujwal DISCOM Assurance Yojana-UDAY ପାଇଁ ଋଣକୁ ବାଦ ଦେଇ) 13,336 କୋଟି 22 ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଚ୍ଛି । ବିତ୍ତୀୟ ଉତ୍ତରଦାୟୀ ଏବଂ ବଜେଟ୍ ପରଚାଳନା ଅଧିନିୟମ 2005 ର ସଂଶୋଧନ କରାଯାଇ ବିତ୍ତୀୟ ନିଅଣ୍ଟ ସୀମାକୁ GSDPର 3.5 ପ୍ରତିଶତକୁ (ଯାହାକି ପୂର୍ବରୁ 3 ପ୍ରତିଶତ ଥିଲା) ବୃଦ୍ଧି କରିବାର ପ୍ରସ୍ତାବ ରହିଚ୍ଛି ।

- ରାଜସ୍ୱ ପ୍ରାପ୍ତି ଓ ଅଧିକ ବିତ୍ତୀୟ ନିଅଣ୍ଟ, 2016-17 ଆର୍ଥିକ ବର୍ଷରେ ପୁଞ୍ଜି ବ୍ୟୟ ବରାଦ GSDP ର 4.37 ପ୍ରତିଶତ ଆକଳନ କରାଯାଇଛି ଯାହାକି 2015-16 ଆର୍ଥିକ ବର୍ଷ (B.E) ରେ 4.35 ପ୍ରତିଶତ ଥିଲା ।
- ବିତ୍ତୀୟ ନିଅଣ୍ଟ (Ujwal DISCOM Assurance Yojana-UDAY ପାଇଁ ଋଣକୁ ମିଶାଇ) 14,532 କୋଟି 39 ଲକ୍ଷ (GSDPର 3.79 ପ୍ରତିଶତ) କୁ ଆକଳନ କରାଯାଇଛି ।
- ପ୍ରାଥମିକ ନିଅଣ୍ଟ (Primary deficit) କୁ 9882 କୋଟି 39 ଲକ୍ଷ (GSDP ର 2.58 ପ୍ରତିଶତ) କୁ ଧାର୍ଯ୍ୟ କରାଯାଇଛି ।
- ଆର୍ଥିକ ବର୍ଷ 2016-17 ରେ ସୁଧ ଦେୟ ଓ ରାଜସ୍ୱ ପ୍ରାପ୍ତି (IPRR) ଏବଂ ଋଣଭାର ଓ GSDP ହାର ଯଥାକ୍ରମେ 5.95 ପ୍ରତିଶତ ଏବଂ 16.96 ପ୍ରତିଶତ ଧାର୍ଯ୍ୟ କରାଯାଇଛି ।
- GSDPରେ ମୋଟ ରାଜସ୍ୱ ପ୍ରାପ୍ତି ଓ ମୋଟ ଖର୍ଚ୍ଚ ହାର 20.39 ପ୍ରତିଶତ ଏବଂ 24.54 ପ୍ରତିଶତ ଧାର୍ଯ୍ୟ କରାଯାଇଛି ।
- ପ୍ରାଥମିକ ନିଅଣ୍ଟ ଓ ବିତ୍ତୀୟ ନିଅଣ୍ଟର ଅନୁପାତ 2014-15 ଆର୍ଥିକ ବର୍ଷରେ 48.70 ପ୍ରତିଶତ ଥିବା ବେଳେ 2016-17 ଆର୍ଥିକ ବର୍ଷରେ 74.10 ଅଛି, ଯାହାକି ଋଣର ସୁଧ ଭରଣାର ଅନୁପାତ କମିବା ବିଷୟରେ ସୂଚାଉଛି ।
- ପ୍ରମୁଖ ସୂଚକାଙ୍କ 2014-15 ଆର୍ଥିକ ବର୍ଷ, 2015-16 ଆର୍ଥିକ ବର୍ଷ ଓ 2016-17 ଆର୍ଥିକ ବର୍ଷ ପାଇଁ ତଥ୍ୟ-10 ରେ ପ୍ରଦତ୍ତ କରାଗଲା ।

**ତଥ୍ୟ-10 : ବର୍ଷ 2014-15, 2015-16 ଓ 2016-17 ପାଇଁ ପ୍ରମୁଖ ବିତ୍ତୀୟ ସୂଚକାଙ୍କ**




*

## ବଜେଟ୍‌ର ମୁଖ୍ୟାଂଶ

## <u>କୃଷକ କୈନ୍ଦ୍ରିକ ବଜେଟ୍</u>

- ଏକ ସ୍ୱତନ୍ତ୍ର ବଜେଟ୍ ମାଧ୍ୟମରେ କୃଷିପାଇଁ 13181 କୋଟି ୫୨ ଲକ୍ଷ ଟଙ୍କାର ବ୍ୟୟ ବରାଦ । ଏହା ପୂର୍ବ ବର୍ଷର ବ୍ୟୟ ବରାଦ ଅପେକ୍ଷା 20.୫୨% ଅଧିକ ଅଟେ ।
- କୃଷି ବଜେଟ୍ ପାଇଁ ବ୍ୟୟ ବରାଦ 2016-17 ପାଇଁ ବଜେଟ୍ ଆକଳନରେ ପ୍ରସ୍ତାବିତ ମୋଟ ବଜେଟର 14.02% ଅଟେ ।
- ମରୁଡିର ପ୍ରଭାବ ହ୍ରାସ ଏବଂ ଜଳସେଚନରେ ଅଧିକ ପୁଞ୍ଜି ବିନିଯୋଗ ମାଧ୍ୟମରେ କୃଷି ଆୟର ବୃଦ୍ଧି, ଆନୁଷ୍ଠାନିକ ଋଣ ପାଇବା ପାଇଁ ସୁବିଧା, ଗୁଣାତ୍ମକ ବିହନ, ସାର ଓ କୀଟନାଶକ ଔଷଧର ଉପଲବ୍‌ଧି ପାଇଁ ପଦକ୍ଷେପ ନିଆଯାଉଛି ।
- ଶସ୍ୟ ବିବିଧିକରଣ ଯଥା ଖାଦ୍ୟ ଶସ୍ୟ ଚାଷରୁ ଡାଲି ଜାତୀୟ ଓ ମାଣ୍ଡିଆ ଚାଷ, ଉନ୍ନତ ବୈଷୟିକ ଜ୍ଞାନ କୌଶଳ ହସ୍ତାନ୍ତର ନିମନ୍ତେ ସଂପ୍ରସାରଣ ପଦ୍ଧତିକୁ ପୁନଃଜୀବିତ କରିବା, ଆର୍ଥିକ ସାହାଯ୍ୟ ଜରିଆରେ ବଜାର ସହ ସଂଯୋଗୀକରଣ, ଶସ୍ୟ ସଂରକ୍ଷଣ ଏବଂ ପରିବହନ, ବିପର୍ଯ୍ୟୟ ପ୍ରଶମନ ଏବଂ ଉତ୍ପାଦକୁ ମୂଲ୍ୟଯୁକ୍ତ କରିବା ପାଇଁ ପଦକ୍ଷେପ ।
- କୃଷିର ଉନ୍ନତି ପାଇଁ ଆନ୍ତର୍ଜାତୀୟ ସଂସ୍ଥାମାନଙ୍କ ସହ ସହବନ୍ଧନ ।
- କୃଷି କାର୍ଯ୍ୟ କରୁଥିବା ସ୍ତ୍ରୀ ଲୋକମାନଙ୍କ ପାଇଁ ଅନୁକୂଳ କୃଷି ଉପକରଣ (Gender Friendly Tools) ପାଇଁ ପ୍ରୋତ୍ସାହନ ।

### ଗୁଣାତ୍ମକ ଶିକ୍ଷା, ସୁଲଭ ସ୍ୱାସ୍ଥ୍ୟ ସେବା ସୁବିଧା ଏବଂ ସାମାଜିକ ନିରାପତ୍ତା ହେଉଛି ପ୍ରମୁଖ ଲକ୍ଷ୍ୟ

- ସାମାଜିକ କ୍ଷେତ୍ରରେ 33,823 କୋଟି 10 ଲକ୍ଷ ଟଙ୍କାର ବ୍ୟୟ ବରାଦର ପ୍ରସ୍ତାବ ଅଛି । ଏହା ପୂର୍ବ ବର୍ଷ ତୁଳନାରେ 16.10 ପ୍ରତିଶତ ଅଧିକ ଅଟେ ।
- ଗ୍ରାମାଞ୍ଚଳ ଓ ଦୁର୍ଗମ ଅଞ୍ଚଳରେ ସହଜଲଭ୍ୟ ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ଘରୋଇ ପୁଞ୍ଜି ବିନିଯୋଗ ନିମିତ୍ତ ଭାୟାବିଲିଟି ଗ୍ୟାପ ଫଣ୍ଡିଙ୍ଗ (viability Gap Funding) ପାଇଁ ଯୋଜନା ଓ ସଂଯୋଜନା ବିଭାଗରେ 15 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।
- ବଲାଙ୍ଗୀର, କୋରାପୁଟ, ମୟୁରଭଞ୍ଜ, ବାଲେଶ୍ୱର ଏବଂ ପୁରୀ ଜିଲ୍ଲାରେ 5 ଗୋଟି ନୂତନ ମେଡିକାଲ କଲେଜ୍ ପ୍ରତିଷ୍ଠା କରାଯିବ ।
- ଏହି ପାଞ୍ଚଟି ମେଡିକାଲ କଲେଜ ନିର୍ମାଣ ପାଇଁ 615 କୋଟି ଟଙ୍କାର ବ୍ୟୟ ବରାଦ।
- ରାଜ୍ୟର ସ୍ୱାସ୍ଥ୍ୟ ସେବା ଅନୁଷ୍ଠାନର ଭିତ୍ତିଭୂମି ସୃଷ୍ଟି ପାଇଁ ଅଧିକ 765 କୋଟି ଟଙ୍କାର ବ୍ୟୟ ବରାଦ ।

- ଉନ୍ନତ ମାତୃ ଓ ଶିଶୁ ସେବା ମାଧ୍ୟମରେ ଶିଶୁ ମୃତ୍ୟୁ ହାର ଓ ମାତୃ ମୃତ୍ୟୁ ହାର କମାଇବା ପାଇଁ ନୂତନ କାର୍ଯ୍ୟକ୍ରମ ।
- ଶିକ୍ଷାରେ ପୁଞ୍ଜି ନିବେଶ ମାନବ ସମ୍ବଳରେ ପୁଞ୍ଜି ନିବେଶ ସହିତ ସମାନ, ଯାହାକି ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିଥାଏ ।
- ସ୍କୁଲ ଓ ଗଣଶିକ୍ଷା ଏବଂ ଉଚ୍ଚ ଶିକ୍ଷା ବିଭାଗ ପାଇଁ 13396 କୋଟି 35 ଲକ୍ଷ ଟଙ୍କାର ବ୍ୟୟ ବରାଦ (ମୋଟ ବ୍ୟୟ ବରାଦର 13.61 ପ୍ରତିଶତ)
- ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ମାଗଣାରେ ସାଇକେଲ ବଣ୍ଟନ ଯୋଜନାରେ ସକାରାତ୍ମକ ପ୍ରଭାବ ଯୋଗୁଁ ହାଇସ୍କୁଲ ସ୍ତରରେ ବିଦ୍ୟାଳୟ ଛାଡୁଥିବା ବିଦ୍ୟାର୍ଥୀଙ୍କ ହାର ହ୍ରାସ ଓ ଉପସ୍ଥାନ ସଂଖ୍ୟା ବୃଦ୍ଧି ପାଇଛି ।
- 2016-17 ଶିକ୍ଷା ବର୍ଷରେ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ଅନ୍ତର୍ଭୁକ୍ତ  କରିବା ପାଇଁ ଦୁଇଗୁଣ ଅର୍ଥର ବ୍ୟବସ୍ଥା ।
- ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ "ଓଡିଶା ଆଦର୍ଶ ବିଦ୍ୟାଳୟ" ନାମରେ ଏକ ଯୋଜନାର ପ୍ରସ୍ତାବ ରହିଅଛି ।
- ଉଚ୍ଚ ଶିକ୍ଷା ବ୍ୟବସ୍ଥାର ସୁଦୃଢ଼ୀ କରଣ ପାଇଁ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକରେ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯିବ ।
- ଗୁଣାତ୍ମକ ଉଚ୍ଚ ଶିକ୍ଷା ଏବଂ ସବୁ ବର୍ଗଙ୍କୁ ଶିକ୍ଷା ସୁବିଧା ଉଚ୍ଚ ଶିକ୍ଷାର ପ୍ରମୁଖ କ୍ଷେତ୍ର ହେବ ।

## ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଓ ସଂଖ୍ୟାଲଘୁମାନଙ୍କ କଲ୍ୟାଣପାଇଁ ପ୍ରତିଶୃତି

- ପୂର୍ବବର୍ଷ ତୁଳନାରେ ବ୍ୟୟ ବରାଦକୁ 19.59 ପିରତିଶତ ବୃଦ୍ଧି କରାଯାଇ 2835 କୋଟି 12 ଲକ୍ଷ ଟଙ୍କାରେ ରଖାଯାଇଛି ।
- ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିର ବାଳିକାମାନଙ୍କ ପାଇଁ "ଓଡିଶା ବାଳିକା ପ୍ରୋତ୍ସାହନ ଯୋଜନା" ମାଧ୍ୟମରେ ଛାତ୍ରବୃତ୍ତିକୁ ଚାଲୁରଖାଯିବ ।
- ଭାରତୀୟ ସଂବିଧାନର ଧାରା 275(1), ପ୍ରଥମ ପ୍ରଭିଜୋ ଅନ୍ତର୍ଗତ ଆଦିବାସୀ ଅଞ୍ଚଳରେ ଭିତ୍ତିଭୂମି ଉନ୍ନୟନ ପାଇଁ ଅର୍ଥ ବ୍ୟବସ୍ଥା ଓ ଆଦିବାସୀ ଉପ ଯୋଜନା ପାଇଁ ଅର୍ଥ ଯୋଗାଇ ଦିଆଯିବ ।

- IFAD ସହାୟତାରେ ଓଡିଶା PVTG (Particularly Vulnerable Tribal Group) ସଶକ୍ତିକରଣ ଓ ଜୀବିକା ଉନ୍ନୟନ କାର୍ଯ୍ୟକ୍ରମ (OPLIP) ପାଇଁ ମୋଟ ଅଟକଳ 795 କୋଟି 38 ଲକ୍ଷ ଟଙ୍କା ଥିବାସ୍ଥଳେ IFAD ଅଂଶ 312 କୋଟି 30 ଲକ୍ଷ ଟଙ୍କା ରହିଅଛି ।
- ଆଦିବାସୀ ଗ୍ରାମ ଓ ଆଦିବାସୀ ଆବାସିକ ବିଦ୍ୟାଳୟ ଗୁଡିକରେ ସୌର ଶକ୍ତି ମାଧ୍ୟମରେ ବିଦ୍ୟୁତୀକରଣ ପାଇଁ ଅର୍ଥ ବରାଦ କରାଯାଇଛି ।
- ତୀର୍ଥ ଯାତ୍ରୀମାନଙ୍କ ପାଇଁ ହଜ୍ ହାଉସ୍ ନିର୍ମାଣ ପାଇଁ ଅର୍ଥ ବ୍ୟବସ୍ଥା କରାଯାଇଛି ।
- ସହରାଞ୍ଚଳର ଶିକ୍ଷାନୁଷ୍ଠାନର ସହଭାଗିତାରେ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ 10 କୋଟି 60 ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ।

## ସାମାଜିକ ନିରାପତ୍ତା ଓ ମହିଳା, ଶିଶୁ ଏବଂ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସଶକ୍ତିକରଣ

- ଏକ ନୂତନ ବିଭାଗ "ସାମାଜିକ ନିରାପତ୍ତା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ" ର ପ୍ରତିଷ୍ଠା ।
- "ମମତା" ଯୋଜନା ପାଇଁ 230 କୋଟିର ଟଙ୍କା ବ୍ୟୟ ବରାଦ ଏବଂ ବରିଷ୍ଠ ନାଗରିକ,ଭିନ୍ନକ୍ଷମ ଏବଂ ବିଧବାମାନଙ୍କ ପାଇଁ ସାମାଜିକ ନିରାପତ୍ତା ପେନ୍‌ସନ ।
- ସାମାଜିକ ମାନସିକତାରେ ପରିବର୍ତ୍ତନ କରି ବାଳିକା ମାନଙ୍କପାଇଁ ସମାନ ସୁଯୋଗ ସୃଷ୍ଟି, ବୈଷମ୍ୟ ଦୂରୀକରଣ ଓ ସେମାନଙ୍କର ସଶକ୍ତୀକରଣ ପାଇଁ “ବିଜୁ କନ୍ୟା ରତ୍ନ” ଯୋଜନା ।

## ପଞ୍ଚାୟତରାଜ ସଂସ୍ଥାମାନଙ୍କର ସଶକ୍ତୀକରଣ ଏବଂ ଗ୍ରାମାଞ୍ଚଳ ବିକାଶ

- ତୃଣମୂଳ ସ୍ତରରେ ମୌଳିକ ସେବାଗୁଡିକର ଆବଶ୍ୟକତା ଥିବାରୁ ଅଧିକ ବ୍ୟୟବରାଦ ପାଇଁ ଚାହିଦା ରହିଛି ।
- ପଞ୍ଚାୟତିରାଜ ବିଭାଗ ପାଇଁ 8458 କୋଟି 95 ଲକ୍ଷ ଟଙ୍କାର ବ୍ୟୟ ବରାଦ ଅଛି (19.86 ପ୍ରତିଶତ ବୃଦ୍ଧି) ।
- ନଅ କୋଟି ଶ୍ରମ ଦିବସ ସୃଷ୍ଟି ପାଇଁ MGNREGA କାର୍ଯ୍ୟକ୍ରମରେ 1660 କୋଟି 35 ଲକ୍ଷ ଟଙ୍କାର ପ୍ରସ୍ତାବ ରହିଅଛି ।
- 2019 ମସିହା ସୁଦ୍ଧା ସମସ୍ତ କଚ୍ଚା ଘରକୁ ପକ୍କା ଘରରେ ପରିବର୍ତ୍ତନ କରାଯିବ ।
- "ଗୋପବନ୍ଧୁ ଗ୍ରାମୀଣ ଯୋଜନା" କୁ ସମସ୍ତ ଜିଲ୍ଲାକୁ ସଂପ୍ରସାରଣ କରାଯିବ ଏବଂ ସବୁ ଗାଁ କୁ ବିଜୁଳି, ସଡକ ଓ ପାଣିର ବ୍ୟବସ୍ଥା ପାଇଁ 1000 କୋଟି ଟଙ୍କାର ବ୍ୟୟବରାଦ ।

- ରାଜ୍ୟର ଗ୍ରାମ୍ୟ ଯୁବକମାନଙ୍କର ନିଯୁକ୍ତି ସୁଯୋଗ ସୃଷ୍ଟି , ଦକ୍ଷତା ବୃଦ୍ଧି ଦ୍ୱାରା ଓ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଆର୍ଥିକ ସହାୟତା ମାଧ୍ୟମରେ ଜୀବିକା ନିର୍ବାହର ମାନବୃଦ୍ଧି ପାଇଁ ଜାତୀୟ ଗ୍ରାମୀଣ ଜୀବିକା ମିଶନ (NRLM) ପାଇଁ 244 କୋଟି 73 ଲକ୍ଷ ଟଙ୍କାର ବ୍ୟୟ ବରାଦ ।
- ସାମାଜିକ ନିରାପତ୍ତା ଆଇନ ଅଧିନରେ ଅଣସଂଗଠିତ ଶ୍ରମିକମାନଙ୍କର କଲ୍ୟାଣ କାର୍ଯ୍ୟକ୍ରମ ପାଇଁ 50 ଲକ୍ଷ ଟଙ୍କାର ବ୍ୟୟ ବରାଦ ।

## ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଆବଶ୍ୟକୀୟ ବ୍ୟବସ୍ଥା : ଭିତ୍ତିଭୂମି କ୍ଷେତ୍ର

- ଭିତ୍ତିଭୂମି ଉନ୍ନୟନ ପାଇଁ ବ୍ୟୟବରାଦ 2015-16ରେ 14232 କୋଟି 58 ଲକ୍ଷ ଟଙ୍କା ଥିଲା ବେଳେ 2016-17 ରେ ଏହାକୁ 17172 କୋଟି 30 ଲକ୍ଷ ଟଙ୍କା ରଖାଯାଇଛି, ଯାହାକି 20 ପ୍ରତିଶତ ଅଧିକ ଅଟେ ।

## ରାସ୍ତା ଓ ରକ୍ଷଣାବେକ୍ଷଣ

- ରାସ୍ତା, କୋଠାବାଡି ଓ ସେତୁର ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱାରୋପ
- ୨50 କି.ମି. ରାସ୍ତାର ଉନ୍ନତିକରଣ ଏବଂ 34 ଗୋଟି ସେତୁ ନିର୍ମାଣ ପାଇଁ 2921 କୋଟି 1୪ ଲକ୍ଷ ଟଙ୍କାର ବ୍ୟବସ୍ଥା
- ରାଜ୍ୟ  ରାଜପଥ ଗୁଡିକର ଦୋହରୀକରଣ ।
- ରାଜ୍ୟର ପ୍ରମୁଖ ରାଜପଥ ପାର୍ଶ୍ୱରେ ସୌନ୍ଦର୍ଯ୍ୟପୂର୍ଣ୍ଣ ଓ ସୁବ୍ୟବସ୍ଥିତ ଶୌଚାଳୟ ଉପଲବ୍ଧ କରାଇବାର ପ୍ରସ୍ତାବ ରହିଛି ।
- ଓଡିଶାର ପଶ୍ଚିମାଞ୍ଚଳ ଓ କେ.ବି.କେ ଜିଲ୍ଲା ଗୁଡ଼ିକ ସହିତ ସଂଯୋଗ ସ୍ଥାପନ ପାଇଁ "ବିଜୁ ଏକ୍ସପ୍ରେସ ୱେ" ।
- ହବିଷିଆଳୀମାନଙ୍କ ପାଇଁ ଆଶ୍ରୟସ୍ଥଳ ।

## ଗ୍ରାମ୍ୟ ଭିତ୍ତିଭୂମି ଉନ୍ନୟନ

- ଗ୍ରାମାଞ୍ଚଳରେ ରାସ୍ତା ଓ ସେତୁର ଉନ୍ନତିକରଣ ଓ ରକ୍ଷଣାବେକ୍ଷଣ, ଜଳଯୋଗାଣ, ପରିମଳ ବ୍ୟବସ୍ଥା ଏବଂ ସରକାରୀ କୋଠାବାଡି ନିର୍ମାଣ ପାଇଁ 64୫୨ କୋଟି ୫6 ଲକ୍ଷ ଟଙ୍କାର ବ୍ୟୟବରାଦ ।

- ବିଜୁ ସେତୁ ଯୋଜନାରେ ଗ୍ରାମାଞ୍ଚଳ ଗୁଡିକରେ ସବୁଦିନିଆ ଯାତାୟାତ ସଂଯୋଗ ସ୍ଥାପନ ପାଇଁ 150 ଟି ନୂତନ ସେତୁର ପ୍ରତିଷ୍ଠା ।
- ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ଗ୍ରାମ୍ୟ ସଂଯୋଗୀକରଣ ପାଇଁ ସବୁଦିନିଆ ରାସ୍ତାର ପ୍ରସ୍ତାବ ରହିଛି ।
- ଆଇ.ଏ.ପି. ଜିଲ୍ଲାଗୁଡିକରେ ଆଗମ୍ୟ ଅଞ୍ଚଳରେ ଲୌହ ଝୁଲାସେତୁ (Bailey Bridge)ର ନିର୍ମାଣ।

## ସହରାଞ୍ଚଳ ଭିତ୍ତିଭୂମି ଓ ପରିମଳ ବ୍ୟବସ୍ଥାର ଉନ୍ନତିକରଣ

- ସହରୀୟ ବିକାଶ ସହ ସମ୍ମିଳିତ ଭାବେ ନିରାପଦ ଓ ପ୍ରତିକୂଳ ପରିସ୍ଥିତିର ମୁକାବିଲା ପାଇଁ ସହରାଞ୍ଚଳ ଭିତ୍ତିଭୂମି ଓ ପରିମଳ ବ୍ୟବସ୍ଥାର ଉନ୍ନତି ପାଇଁ 3357 କୋଟି 10ଲକ୍ଷ ଟଙ୍କାର ବ୍ୟୟବରାଦ ।
- ସହରାଞ୍ଚଳରେ ଆଂଶିକ ରୂପେ ଜଳ ଯୋଗାଣ ବ୍ୟବସ୍ଥା ହୋଇଥିବା ୱାର୍ଡରେ ଓ ଏଥିରୁ ବଞ୍ଚିତ ୱାର୍ଡ ଗୁଡିକରେ ଜଳଯୋଗାଣ ପାଇଁ 150 କୋଟି ଟଙ୍କାର ବ୍ୟୟବରାଦ ।
- ବାଦ ପଡିଥିବା ମୋଟ 77 ଟି ସହରାଞ୍ଚଳ ଉନ୍ନୟନ ସଂସ୍ଥା ପାଇଁ "ଓଡିଶା ସହରାଞ୍ଚଳ ଜିବୀକା ମିଶନ" ର ଆରମ୍ଭ କରାଯାଇଛି।
- ସ୍ମାର୍ଟ ସିଟି ହିସାବରେ ଭୁବନେଶ୍ୱର ପାଇଁ "ସ୍ମାର୍ଟ ସିଟି ମିଶନ ରେ 333 କୋଟି 33 ଲକ୍ଷ ଟଙ୍କାର ବ୍ୟୟ ବରାଦ ।
- ଓଡିଶା ସହର ଭିତ୍ତିଭୂମି ଉନ୍ନୟନ ପାଣ୍ଠି (OUIDF) ପାଇଁ 20 କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ।
- ରାଉରକେଲା ଓ ସମ୍ବଲପୁରରେ ନୁତନ Sewerage ପ୍ରକଳ୍ପର କାର୍ଯ୍ୟାନ୍ନୟନ।
- ରାଜ୍ୟର ସହରାଞ୍ଚଳରେ ସାଧାରଣ ପରିବହନ ବ୍ୟବସ୍ଥାର ସଂପ୍ରସାରଣ ପାଇଁ ସହରାଞ୍ଚଳ ସଡକ ପରିବହନ ପାଇଁ 16 କୋଟି 87 ଲକ୍ଷ ଟଙ୍କାର ବ୍ୟୟବରାଦ ।

## ସମସ୍ତଙ୍କ ପାଇଁ ବିଜୁଳି ଏବଂ ଗୁଣାତ୍ମକ ଶକ୍ତି ଯୋଗାଣ

- ଶକ୍ତି କ୍ଷେତ୍ରରେ ଭିତ୍ତିଭୂମିର ଉନ୍ନୟନ ପାଇଁ 2800 କୋଟି 92 ଲକ୍ଷ ବ୍ୟୟ ବରାଦ କରାଯାଇଛି ।
- ରାଜ୍ୟର ବିଦ୍ୟୁତ ଉପଭୋକ୍ତାମାନଙ୍କୁ ଉପଯୁକ୍ତ ଭୋଲ୍‌ଟେଜ୍‌ସହ ନିରବଚ୍ଛିନ୍ନ, ନିର୍ଭରଶୀଳ ଓ ଗୁଣାତ୍ମକ ବିଦ୍ୟୁତ ଯୋଗାଇବା ପାଇଁ ପ୍ରସ୍ତାବ ରହିଛି ।

- 550 ଗୋଟି 33/11 KV ବିଶିଷ୍ଟ ସବ୍‌ଷ୍ଟେସନ ପ୍ରତିଷ୍ଠା ।
- "ସମସ୍ତଙ୍କୁ ବିଜୁଳି" - ନିଶ୍ଚିତ କରିବାପାଇଁ "ବିଜୁ ଗ୍ରାମ୍ୟ ଜ୍ୟୋତି ଯୋଜନା" ରେ 100 ଜନସଂଖ୍ୟାରୁ କମ ଲୋକଥିବା ଗ୍ରାମ/ ଜନବସତିରେ ଯେଉଁଠାରେ ବିଜୁଳି ଶକ୍ତିନାହିଁ, ସେମାନଙ୍କୁ ଯୋଗାଇ ଦିଆଯିବ ।
- କେ.ବି.କେ ଓ ପଶ୍ଚିମ ଓଡିଶାରେ ଆର୍ଥିକ ଦୃଷ୍ଟିରୁ ଲାଭ ନଥିବା ଅଞ୍ଚଳରେ ବିଦ୍ୟୁତ ସଂପ୍ରସାରଣ ପ୍ରକଳ୍ପ କାର୍ଯ୍ୟକାରୀ କରିବାପାଇଁ OPTCL କୁ ପାଞ୍ଚବର୍ଷ ପାଇଁ ଅତିରିକ୍ତ ଅଂଶଧନ ବାବଦକୁ 300 କୋଟି ଟଙ୍କା ପ୍ରଦାନ କରାଯିବ ।
- ଶକ୍ତି କ୍ଷେତ୍ରରେ ଦକ୍ଷତା ବୃଦ୍ଧିପାଇଁ "ରାଜ୍ୟ ରାଜଧାନୀ ଅଞ୍ଚଳରେ ଶକ୍ତି ବ୍ୟବସ୍ଥାରେ ଉନ୍ନତୀକରଣ" (SCRIPS), ରାଜୀବ ଗାନ୍ଧୀ ଗ୍ରାମୀଣ ବିଦ୍ୟୁତିକରଣ ଯୋଜନା (RGGVY), ଦୀନଦୟାଲ ଉପାଧ୍ୟାୟ ଗ୍ରାମ ଜ୍ୟୋତି ଯୋଜନା (DDVGJY) ଉପରେ ଗୁରୁତ୍ୱ ଦିଆଯାଉଛି ।

## ପୁଞ୍ଜି ବିନିଯୋଗ ସହାୟକ ଅର୍ଥନୈତିକ ପରିବେଶ

- ରାଜ୍ୟ ଅର୍ଥନୀତିର ପୋଷଣୀୟ ଅଭିବୃଦ୍ଧି ଓ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଗୁଡିକର ପୋଷଣୀୟ ବିକାଶ ନିମିତ୍ତ 203 କୋଟି 87 ଲକ୍ଷ ଟଙ୍କାର ବ୍ୟୟବରାଦ ।
- ଶିଳ୍ପ ପ୍ରୋତ୍ସାହନ କାର୍ଯ୍ୟକ୍ରମରେ IPICOL କୁ ଅନୁଦାନ ପାଇଁ ବ୍ୟୟବରାଦ ।
- "ଶିଳ୍ପ କ୍ଷେତ୍ରରେ ଭିତ୍ତି ଭୂମି ଉନ୍ନୟନ ପାଣ୍ଠି" (IADF) ର ପ୍ରତିଷ୍ଠା ।
- ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଗୁଡିକର ପୋଷଣୀୟ ବିକାଶ ଏବଂ ଶିଳ୍ପ କ୍ଷେତ୍ରରେ ପୁଞ୍ଜି ନିବେଶ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ପାଇଁ ବିତ୍ତୀୟ ପ୍ରୋତ୍ସାହନ ପାଇଁ ପ୍ରତିଶ୍ରୁତିବଦ୍ଧତା ଓ ଏକକ ବାତାୟନ ପ୍ରକ୍ରିୟା (Single Window Mechanism) ଦ୍ୱାରା ପୁଞ୍ଜି ବିନିଯୋଗକୁ ପ୍ରୋତ୍ସାହନ ଦିଆଯାଉଛି ।
- "ବିଜୁ ଆତ୍ମ ନିଯୁକ୍ତି ଯୋଜନା (BANY)" ପାଇଁ 10 କୋଟି ଟଙ୍କାର ବ୍ୟୟବରାଦ ।

## ପରମ୍ପରା, ସଂସ୍କୃତି ଓ ପର୍ଯ୍ୟଟନ ପାଇଁ ପ୍ରୋତ୍ସାହନ

- ଓଡିଶାର ସାଂସ୍କୃତିକ ପରମ୍ପରାର ପ୍ରୋତ୍ସାହନ ପାଇଁ 242 କୋଟି 54 ଲକ୍ଷ ଟଙ୍କାର ବ୍ୟୟବରାଦ ।
- ଓଡିଶାର ସମୃଦ୍ଧ ପ୍ରଦର୍ଶନ କଳା ଓ ଐତିହ୍ୟକୁ ଉପଯୁକ୍ତ ଭିତ୍ତିଭୂମି ପ୍ରଦାନ ପାଇଁ କଳାମଣ୍ଡଳ ପ୍ରକଳ୍ପର ଆରମ୍ଭ ।

- ଓଡିଶାର ଇତିହାସ, କଳା, ସାହିତ୍ୟ ଓ ସଂସ୍କୃତି ଉପରେ ଜ୍ଞାନ ଆହରଣ ପାଇଁ ଇଣ୍ଟରନେଟ୍ ମାଧ୍ୟମରେ ଓଡିଆ ଭାଷା ଭର୍ଚୁଆଲ ଏକାଡେମି ଦ୍ୱାରା ଯୋଗାଇ ଦିଆଯିବ ।
- ଓଡିଶା ଭାଷା ପ୍ରତିଷ୍ଠାନର ପୁନଃ ନବୀକରଣ ।
- ଭାଗବତ ଟୁଙ୍ଗିର ପୁନଃରୁଦ୍ଧାର ।
- ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଓଡିଆ ଚେୟାର ପ୍ରତିଷ୍ଠା ।

## ଅନ୍ୟାନ୍ୟ ଅର୍ଥନୈତିକ ସେବା

- ପରିବେଶ ପର୍ଯ୍ୟଟନ ପାଇଁ ପ୍ରୋତ୍ସାହନ ।
- ଜଳବାୟୁ ପରିବର୍ତ୍ତନ ଉପବିଭାଗ ଗଠନ ।
- ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପର ଉନ୍ନୟନ ପାଇଁ 217 କୋଟି ୪2 ଲକ୍ଷର ପ୍ରସ୍ତାବ ।
- ଓଡିଶା ହସ୍ତଶିଳ୍ପ ଉନ୍ନୟନ ଏବଂ ଗ୍ରାମ୍ୟ ନିଯୁକ୍ତି ପାଇଁ "ଉତ୍କର୍ଷ ପ୍ରକଳ୍ପ" ।
- ଯୋଜନା ଓ ସଂଯୋଜନା ବିଭାଗ ପାଇଁ ୪15 କୋଟି 25 ଲକ୍ଷ ଟଙ୍କାର ବ୍ୟୟବରାଦ ।
- ବିଶେଷ ପ୍ରୟୋଜନ ମାଧ୍ୟମ ସଂସ୍ଥା (Special Purpose Vehicle) ଜରିଆରେ ନୂତନ ରେଳ ପ୍ରକଳ୍ପର ବିକାଶ ପାଇଁ ରାଜ୍ୟ ରାଜ୍ୟ ଅଂଶ ବାବଦକୁ 260 କୋଟି ଟଙ୍କାର ବ୍ୟୟବରାଦ ।
- ଭୁବନେଶ୍ୱର ରେଳଷ୍ଟେସନର ପୁନଃଉନ୍ନୟନ ଓ ଆଧୁନିକରଣ ।
- ରାଜ୍ୟର ଜନସାଧାରଣଙ୍କୁ ଖାଦ୍ୟ ନିରାପତ୍ତା ଯୋଗାଇ ଦେବା ପାଇଁ ୨54 କୋଟି 56 ଲକ୍ଷ ଟଙ୍କାର ବ୍ୟୟବରାଦ ।
- ଜାତୀୟ ଖାଦ୍ୟ ସୁରକ୍ଷା ଅଧିନିୟମ 2013 ର କାର୍ଯ୍ୟାନ୍ୱୟନ ଯାଞ୍ଚ ଏବଂ ସମୀକ୍ଷା ଉଦ୍ଦେଶ୍ୟରେ "ଓଡିଶା ରାଜ୍ୟ ଖାଦ୍ୟ କମିଶନ" ଗଠନ କରାଯାଇଛି ।
- ଆଭ୍ୟନ୍ତରୀଣ ନିରାପତ୍ତାର ସୁରକ୍ଷା ଓ ନ୍ୟାୟ ବ୍ୟବସ୍ଥାର ସୁପରିଚାଳନା ପାଇଁ 3୨65 କୋଟି 20 ଲକ୍ଷ ଟଙ୍କାର ବ୍ୟୟବରାଦ ।
- ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଉତ୍ତମ କାର୍ଯ୍ୟକ୍ରମ ଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ 325୪ କୋଟି ୪7 ଲକ୍ଷ ଟଙ୍କାର ବ୍ୟୟବରାଦ ।